## ପୋଲ ତଳକୁ ଖସିଲା ମାଛଗାଡ଼ି



ପାଣିକୋଇଲି,(ଡି.ଏନ.ଏ.)- ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଳେଇପୁର(ହାଟସାହି)ଛକରେ ଗୁରୁବାର ବିଳମ୍ବିତ ରାତିରେ ଏକ ମାଛ ବୋଝେଇ ଟ୍ରକ (ଏପି ୩୯ଟି ବି ୬୫୫୫) ଭାରସାମ୍ୟ ହରାଇ ପୋଲ ତଳକୁ ଖସିଛି। ଏଥିରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ପୋଲିସ ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ କରୁଛି। ଟ୍ରକଟି ବିହାର ଯାଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଭିନ୍ନ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

**ଧର୍ମଶାଳା,୧୧।୬(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଞ୍ଚଳରେ ପୋଲିସ ଓ ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଡ଼ାକଡ଼ି କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ ଓ ଜାରକା ବିଟ୍‌ହାଉସ ଅଧିକାରୀ ରାଜକିଶୋର ନାୟକଙ୍କ ସମେତ ବହୁ କର୍ମଚାରୀ ଜାରକା ବଜାରର ବିଭିନ୍ନ ଅଞ୍ଚଳ ବୁଲି କଟକଣା ଭାଙ୍ଗୁଥିବା ଲୋକଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରିଛନ୍ତି। ଲୁଗା ଦୋକାନଗୁଡ଼ିକଠାରୁ ୧୫ ହଜାର ଟଙ୍କ ଜରିମାନା ଆଦାୟ କରାଯିବା ସହ ଦୋକାନ ସିଲ୍ କରାଯାଇଛି। ଯାଜପୁର ଜିଲାରେ କରୋନା ଥମୁ ନ ଥିବା ବେଳେ ଆମାନିଆଙ୍କୁ ସାବାଡ଼ କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କ ଯୋଗଦାନ

**ଯାଜପୁର ଟାଉନ,୧୧।୬(ଡି.ଏନ.ଏ.):** ଯାଜପୁରର ନୂତନ ଉପଜିଲାପାଳ ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଯୋଗ ଦେଇଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅକ୍ଷତାରେ ପୂର୍ବତନ ଉପଜିଲାପଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ବିଦାୟ ଓ ନୂତନ ଉପଜିଲାପାଳଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ଉପଜିଲାପାଳ ମହାପାତ୍ରଙ୍କ ପୁରୀ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ନୂତନ ଉପଜିଲାପାଳ ଏହା ପୂର୍ବରୁ ବ୍ୟାସନଗର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଏହି ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ମିହିର ପ୍ରସାଦ ମହାନ୍ତି ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ଅପହୃତା ନାବାଳିକା ଉଦ୍ଧାର, ଜଣେ ଗିରଫ

**ଧର୍ମଶାଳା,୧୧।୬(ଡି.ଏନ.ଏ.):** ଜେନାପୁର ଥାନା ଅଞ୍ଚଳରୁ ଜାନୁୟାରୀରେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଗୁରୁବାର ରାତିରେ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକକୁ ଗିରଫ କରିଛି। ସେ ହେଲେ ଏହି ଥାନା ମଧୁସୁଦନପୁର ଗ୍ରାମର କୃପାସିନ୍ଧୁ ମଲିକ(୧୯)। ଜାନୁୟାରୀ ୨୦ରେ କୃପାସିନ୍ଧୁ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ନାବାଳିକା କୃପାସିନ୍ଧୁଙ୍କ ଘରେ ଥିବା ଖବର ମିଳିବା ପରେ ପୋଲିସ ଚଢ଼ାଉ କରିଥିଲା। ଶୁକ୍ରବାର ଉଭୟଙ୍କ ଡାକ୍ତରୀ ମାଇନା କରାଇବା ସହ ଅଭିଯୁକ୍ତ କୃପାସିନ୍ଧୁଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

# ବିନା ଅନୁମତିରେ ଚାଲିଛି ମେସ୍କୋ ରେଲୱେ ସାଇଡିଂ

**ଯାଜପୁର ଅଫିସ,୧୧।୬**

### ଏସ୍‌ପିସିବି ଅଧ୍ୟକ୍ଷ, ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ



ଶିଳ୍ପ ପ୍ରଦୂଷଣ ରୋକିବାକୁ ଦୃଢ଼ ପଦକ୍ଷେପ ନିଆଯାଉଥିବା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜସ୍ୱ ଡିଭିଜନ କମିଶନର ବ୍ୟକ୍ତିଗତ ଭାବରେ ଦାୟୀ ରହିବେ ବୋଲି ସରକାର ଘୋଷଣା କରିଛନ୍ତି । ହେଲେ ଯାଜପୁର ଜିଲା ଅନ୍ତର୍ଗତ କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ପରିସରରେ ଥିବା ମେସ୍କୋ ରେଲୱେ ସାଇଡିଂ ଗତ ୧୫ ଦିନ ହେଲା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ବିନା ଅନୁମତିରେ ଚାଲିଛି। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ସହ ଭିତିରିଆ ସହଯୋଗରେ ଏହି ବେଆଇନ କାର୍ଯ୍ୟ ଚାଲିଥିବା ନେଇ ଶୁକ୍ରବାର କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ଏସ୍‌ପିସିବିର ଅଧ୍ୟକ୍ଷ ଓ ସଦସ୍ୟସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଜରିମାନା ଧାର୍ଯ୍ୟ ହେବା ପରେ ମେସ୍କୋ ଗ୍ରୁପ ହାତ ଟେକି ଦେଇଥିଲା। ଏହାପରେ ୨୦୧୮ରୁ କଳିଙ୍ଗନଗରଠାରେ ଥିବା ମେସ୍କୋ ଗ୍ରୁପ୍‌ର ମେସ୍କୋ ଷ୍ଟିଲ କାରଖାନା ଉପରେ ପ୍ରଭାବ ପଡିଥିଲା। କ୍ରମଶଃ ଏହି କାରଖାନକୁ ୨୦୧୯ ଫେବୃୟାରୀରେ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ବିନା ପରିଚାଳନା ଅନୁମତିରେ ମେସ୍କୋ ରେଲୱେ ସାଇଡିଂରେ ଅନଲୋଡିଂ କାର୍ଯ୍ୟ ଏବେ ଆରମ୍ଭ ହୋଇଛି। ଏନେଇ କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ସୁକିନ୍ଦା ରେଲୱେ ସାଇଡିଂରୁ ମିଳିଥିବା ତଥ୍ୟ ଅନୁସାରେ ମେସ୍କୋ ରେଲୱେ ସାଇଡିଂରେ ଗତ ୫ ତାରିଖରେ ଏକ ସ୍ଲାଗ୍ ର୍ୟାକ୍ ଓ ଗତ ୮ ତାରିଖରେ କ୍ଲିଙ୍କର ର୍ୟାକ୍ ଅନ୍‌ଲୋଡ୍ ହୋଇଥିଲା। ସେଠାରୁ ଟ୍ରକ ଯୋଗେ ବିଭିନ୍ନ କାରଖାନାକୁ ଉପରୋକ୍ତ କଞ୍ଚାମାଲ ପରିବହନ ହୋଇଥିଲା। ରେଲୱେ ସାଇଡିଂ ହେଉଛି ଅତି ପ୍ରଦୂଷଣକାରୀ ୟୁନିଟ୍। ଏହାକୁ ଲାଲ ବର୍ଗ(ରେଡ୍ କ୍ୟାଟେଗୋରୀ) ୟୁନିଟ୍ ଭାବେ ଧରାଯାଏ। ତେଣୁ ଏସ୍‌ପିସିବିଠାରୁ ଏହି ୟୁନିଟ ସ୍ଥାପନ ଓ ପରିଚାଳନା ଅନୁମତି ନିହାତି ଆବଶ୍ୟକ। କିନ୍ତୁ ବିନା ଅନୁମତିରେ ଏହି ରେଲୱେ ସାଇଡିଂ ଚଳାଇଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସାଇଡିଂର ଚାରିପଟେ ଥିବା ପାଚେରୀର ଉଚ୍ଚତା ପ୍ରଦୂଷଣ ଆଇନ ଅନୁସାରେ ନିର୍ମାଣ କରାଯାଇ ନାହିଁ। ନିୟମିତ ଭାବେ ପାଣି ସିଞ୍ଚନ ବ୍ୟବସ୍ଥା ହେଉନାହିଁ। ଏହି ସାଇଡିଂର ୧ କିମି ବ୍ୟାସାର୍ଦ୍ଧ ମଧ୍ୟରେ ବସବାସ କରୁଥିବା ଖୁରୁଣ୍ଟି, ମାନପୁର ଓ ନିଳବସ୍ତି ବାସିନ୍ଦା ଗୁରୁତର ଭାବେ ବାୟୁ ପ୍ରଦୂଷଣରେ ପ୍ରଭାବିତ ହେଉଛନ୍ତି। ତେଣୁ ମେସ୍କୋ ରେଲୱେ ସାଇଡିଂର ଉପଯୁକ୍ତ ଭାବେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକ ସଂଘ ପକ୍ଷରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ମେସ୍କୋ ରେଲୱେ ସାଇଡିଂ ଚାଲିଥିବା ସଂକ୍ରାନ୍ତରେ ତାଙ୍କ ପାଖରେ କୌଣସି ଖବର ନାହିଁ। ତେବେ ଅନୁମତି ନେଇ ଚଳାଇଛନ୍ତି କି ନାହିଁ ତାହା ଆବଶ୍ୟକ ତଦନ୍ତ କରାଯିବ। ନଚେତ ସମ୍ପୃକ୍ତ କମ୍ପାନୀ ବିରୋଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଶାଖା ପକ୍ଷରୁ ବିଭିନ୍ନ ଦାବିନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ସହାୟତା ଅପେକ୍ଷାରେ ଅନାଥ ଭଉଣୀଭାଇ

**କଳିଙ୍ଗନଗର,୧୧।୬(ଡି.ଏନ.ଏ.)**

### ତିନି ବର୍ଷ ପୂର୍ବେ ମା', ଏବେ ଚାଲିଗଲେ ବାପା



ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ ଭିତରମାଣିକା ଗ୍ରାମ ରଥିଆ ସାହିର ୧୨ ବର୍ଷର ଜ୍ୟୋତ୍ସ୍ନାରାଣୀ ବଦରା ଏବଂ ୧୦ ବର୍ଷର ଧନେଶ୍ୱର ବଦରା ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ସେମାନେ ୩ବର୍ଷ ପୂର୍ବେ ତାଙ୍କ ମା' ସୀମା ବଦରା(୩୮)ଙ୍କୁ ଦୁରାରୋଗ ଯୋଗୁ ହରାଇଥିବାବେଳେ ଏବେ ବାପା ରାଉତ ବଦରା(୪୩)ଙ୍କୁ ହରାଇଛନ୍ତି। ରାଉତ ସ୍ଥାନୀୟ ରୋହିତ ଫେରୋଟେରେ କାର୍ଯ୍ୟରତ ଥିଲେ। ଅସୁସ୍ଥ କାରଣରୁ ଅଧାଦିନ କାର୍ଯ୍ୟକୁ ଯାଇପାରନ୍ତି ନାହିଁ। ସ୍ୱଳ୍ପ ଆୟରେ ତାଳ ବରଡ଼ା ଘେରା ଗୋଟିଏ ଘରେ ବାପା, ପୁଅ, ଝିଅ ଚଳୁଥିଲେ। କିନ୍ତୁ ଆଜକୁ ୧୩ଦିନ ତଳେ ରାଉତ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି। ଝିଅ ଜ୍ୟୋତ୍ସ୍ନା ଭିତରମାଣିକ ସ୍କୁଲରେ ପଞ୍ଚମ ଶ୍ରେଣୀ ଏବଂ ପୁଅ ମଧ୍ୟ ପଞ୍ଚମ ଶ୍ରେଣୀ ପାସ କରିବା ପରେ ଆଉ ବିଦ୍ୟାଳୟ ମାଟି ମାଡ଼ିନାହାନ୍ତି।

ସାମାଜିକ କର୍ମୀ ଶ୍ରୀନିବାସ ମହାନ୍ତି, ସୁଦାମ ନାୟକ, ବାଇଧର ବେହେରା, ସଞ୍ଜୟ ମଲ୍ଲିକ, ୧୦ ନଂ. ଜୋନର ଜିଲାପରିଷଦ ସଭ୍ୟ ସୁଶାନ୍ତ ସାମଲ ଏବଂ ସତ୍ୟଚେତନା ବିକାଶ ସଂଘ ରାଉତଙ୍କ ଶୁଦ୍ଧି କାଯ୍ୟ ନିମନ୍ତେ ଅର୍ଥ ସହିତ ଶୁଖିଲା ଖାଦ୍ୟ ଏବଂ ପୋଷାକ ଯୋଗାଇ ଦେଇଛନ୍ତି। ଦୁଇ ପିଲାଙ୍କ ଭଲମନ୍ଦ ବୁଝିବା ସହିତ ସେମାନେ କିପରି ପାଠ ପଢି ପାରିବେ ସେନେଇ ପଦକ୍ଷେପ ନେଇଛନ୍ତି। ଏହି ଅସହାୟ ଭଉଣୀଭାଇଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ଚେସ୍‌ରେ ଭାଗନେବେ ପ୍ରିୟନ୍ସ, ଶ୍ରୀୟନ୍ସ



ପ୍ରିୟନ୍ସ



ଶ୍ରୀୟନ୍ସ

**ରସୁଲପୁର,୧୧।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମର ମୃତ୍ୟୁଞ୍ଜୟ ଦାସ ଏବଂ ମାନସୀ ଦାସଙ୍କ ଯାଆଁଳା ପୁତ୍ର ଶ୍ରୀୟନ୍ସ ଓ ପ୍ରିୟନ୍ସ ଆସନ୍ତା ୧୬ ତାରିଖରେ ଭର୍ଚୁଆଲ୍ ମୋଡ୍‌ରେ ହେବାକୁ ଥିବା ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତବର୍ଷ ୧୪ ବର୍ଷରୁ କମ ଚେସ୍ ପ୍ରତିଯୋଗିତାରେ ଉଭୟ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ୪୮ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଥିଲେ। ପୂର୍ବରୁ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ପକ୍ଷରୁ ଶ୍ରୀୟନ୍ସ ଏବଂ ପ୍ରିୟନ୍ସ ପ୍ରତିନିଧିତ୍ୱ କରିସାରିଛନ୍ତି। ୨୦୧୬ରେ ମଙ୍ଗୋଲିଆ ବିଶ୍ୱ ଚେସ୍ ପ୍ରତିଯୋଗିତା, ୨୦୧୭ରେ ତାସକେଣ୍ଟରେ ଅନୁଷ୍ଠିତ ଏସୀୟ ପ୍ରତିଯୋଗିତାରେ ଭାଗନେଇ ଭାରତ ପାଇଁ ଅନେକ ପଦକ ଆଣିଛନ୍ତି। ଏହି ଦୁଇ ଚେସ୍ ପ୍ରତିଭାଙ୍କ ଲାଗି ପରିବାରର ଆର୍ଥିକ ସମସ୍ୟା ବାଧକ ସାଜିଛି। ପ୍ରଶାସନ ନିକଟରେ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ କୌଣସି ସୁବିଧା ମିଳି ପାରିନାହିଁ ବୋଲି ତାଙ୍କ ମା'ମାନସୀ ଦୁଃଖର ସହ ଜଣାଇଛନ୍ତି। ଯଦି ଏହି ଯମଜ ଭ୍ରାତାଙ୍କ ଲାଗି ସରକାର ଉପଯୁକ୍ତ ପ୍ରଶିକ୍ଷଣର ବ୍ୟବସ୍ଥା କରାନ୍ତି ତେବେ ସେମାନେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶ ଲାଗି ଅନେକ ସଫଳତା ଆଣିପାରନ୍ତେ ବୋଲି ତାଙ୍କ ବାପା ମୃତ୍ୟୁଞ୍ଜୟ କହିଛନ୍ତି।

# ଦୁର୍ଘଟଣାରେ ପୂର୍ବତନ ଛାତ୍ର ନେତାଙ୍କ ମୃତ୍ୟୁ

**ରସୁଲପୁର,୧୧।୬(ଡି.ଏନ.ଏ.)**



ରସୁଲପୁର ବ୍ଲକ ଅଧୀନ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ପୂର୍ବତନ ଛାତ୍ରନେତା ଜିତେନ୍ଦ୍ର କୁମାର ସାହାଣୀ(୩୦)ଙ୍କ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ଘର ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ଗ୍ରାମରେ। ସେ ଭଦ୍ରକରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ପାଣିକୋଇଲି ଥାନା ଟିଙ୍କର ଛକ ନିକଟରେ ପଛପଟୁ ଏକ ଟ୍ରକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରାତନ ଛାତ୍ରଙ୍କ ପକ୍ଷରୁ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଜଗମୋହନ ରାଉତ, ଦେବୁପ୍ରସାଦ ଲେଙ୍କା, ବିଜୟ ପ୍ରଧାନ, ବିକ୍ରମ ଦାଶ, ନାରାୟଣ ପରିଡ଼ା, ତାପସ ଜେନା କଳିଙ୍ଗ ଯୁବ ସଂଘ ସଭାପତି ଶିଶିର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇ ଶୋକବ୍ୟକ୍ତ କରିଥିଲେ।

# ସବଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ଯାଜପୁର ଅଫିସ/ପାଣିକୋଇଲି (ଡି.ଏନ.ଏ.),୧୧।୬**

ଯାଜପୁର ଜିଲା ପୋଲିସରେ ୧୮ ସବଇନ୍ସପେକ୍ଟର ଓ ଜଣେ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟରଙ୍କୁ ଜିଲା ମଧ୍ୟରେ ବିଭିନ୍ନ ଥାନାକୁ ଗୁରୁବାର ଅଦଳବଦଳ କରାଯାଇଛି। ଏସ୍‌ପି ରାହୁଲ ପି.ଆର୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଏସ୍‌ଆଇ ହରିଶଚନ୍ଦ୍ର ସିଂହଙ୍କୁ ମଙ୍ଗଳପୁର ଥାନାରୁ କୋରାଇ, ଘନଶ୍ୟାମ ହେସାଙ୍କୁ ଯାଜପୁର କୋର୍ଟରୁ ଜଖପୁରା, ସୁବ୍ରତ କୁମାର ସାହୁଙ୍କୁ କୋରାଇରୁ ବୈରୀ, ରାଜେଶ କୁମାର ସେଠୀଙ୍କୁ ଯାଜପୁରରୋଡ ଥାନାରୁ କଳିଙ୍ଗନଗର ଓ ସୁବାସ ମୁଦୁଲିଙ୍କୁ ବଡଚଣା ଥାନା, ଗୋବର୍ଦ୍ଧନ ନାୟକଙ୍କୁ ଦାନଗଦି ବିଟ୍‌ହାଉସ୍‌ରୁ ଛତିଆ ବିଟ୍ ହାଉସ, ସୁଦାମ ନନ୍ଦିଙ୍କୁ ଧର୍ମଶାଳାରୁ କାଳିଆପାଣି, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ବଡ଼ଚଣାରୁ ଯାଜପୁରରୋଡ୍, ଜଗଦୀଶ କରଙ୍କୁ ଛତିଆ ବିଟ୍ ହାଉସରୁ ଯାଜପୁରରୋଡ ଥାନା, ବିଶ୍ୱଜିତ ବିଶ୍ୱାଳଙ୍କୁ ବୈରୀ ଥାନାରୁ ସୁକିନ୍ଦା ଥାନା, ଅଜୟ କୁମାର ସାହୁଙ୍କୁ କଳିଙ୍ଗନଗର ଥାନାରୁ ଦାନଗଦି ବିଟ ହାଉସ, ଅର୍ନ୍ତଯାମୀ ଶ୍ରୀଚନ୍ଦନଙ୍କୁ ସୁକିନ୍ଦାରୁ ମଙ୍ଗଳପୁର, ବିଭୂତି ଭୂଷଣ ମହାପାତ୍ରଙ୍କୁ କାଳିଆପାଣିରୁ ଧର୍ମଶାଳା, ଫିରୋଜ ଏକ୍କାଙ୍କୁ ଜେନାପୁରରୁ ବରୀ, ବାସୁଦେବ ପରିଡାଙ୍କୁ ଜଖପୁରା ଥାନାରୁ ଜେନାପୁର, ନାରାୟଣ ପ୍ରସାଦ ବେହେରାଙ୍କୁ ବରୀ ଥାନାରୁ ଯାଜପୁରରୋଡ କୋର୍ଟ, ପ୍ରମୋଦ କୁମାର ସାହୁଙ୍କୁ ଧର୍ମଶାଳା ଥାନାରୁ ଡିଆଇବି ଯାଜପୁର, ରାଜକିଶୋର ଦାସଙ୍କୁ କୁଆଖିଆ ଥାନାରୁ ଝୁମ୍ପୁରୀ ବିଟ ହାଉସ, ଏଏସଆଇ ପ୍ରତାପ ଚନ୍ଦ୍ର ଗଡନାୟକଙ୍କୁ ବରୀରୁ ଧର୍ମଶାଳା ଥାନାକୁ ବଦଳି କରାଯାଇଛି ।

# ବିଦ୍ୟୁତ୍ ବିଭାଗ ଅବହେଳାରୁ ୨ ଗୋରୁ ମୃତ

**ପାଣିକୋଇଲି, ୧୧।୬(ଡି.ଏନ.ଏ.)**

### ୩ ବ୍ୟକ୍ତି ଆହତ

ଯାଜପୁର ଜିଲା ପାଣିକୋଇଲି ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଶୁକ୍ରବାର ୨ ଗୋରୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ପାଣିକୋଇଲି ବାଲିଦାଣ୍ଡ ପୋଖରୀ କୂଳରେ ଥିବା ଟ୍ରାନ୍ସଫର୍ମରର ତଳଭାଗ ପାଣିରେ ବୁଡ଼ିରହିଛି। ଟ୍ରାନ୍ସଫର୍ମରରୁ ଯାଇଥିବା ଆର୍ଥିଂ ତାରରେ ବିଦ୍ୟୁତ୍ ସରବରାହ ହେଉଥିଲା। ଫଳରେ ପାଣିପିଇବାକୁ ପୋଖରିକୁ ଯାଇଥିବା ଗୋରୁ ଉକ୍ତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ଏନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇବା ପରେ କର୍ମଚାରୀମାନେ ପହଞ୍ଚି ସବୁ ଠିକ ଅଛି କହି ଚାଲି ଆସିଥିଲେ। ମାତ୍ର କିଛି ସମୟ ପରେ ଆଉ ଏକ ଗୋରୁ ସେଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ତାକୁ ଉଠାଇବାକୁ ଯାଇ ପାଣିକୋଇଲି ଗ୍ରାମର ମାଧବ ମଳିକ, ନନ୍ଦ ପେରେଇ, ବିଦ୍ୟା ମଳିକ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ମୃତ ଗୋରୁ ଦୁଇଟି ମଦନ ସ୍ୱାଇଁ ଓ ବିଜୟ ପଣ୍ଡାଙ୍କର ବୋଲି ଜଣାପଡ଼ିଛି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୧।୬(ଡି.ଏନ.ଏ.)**

ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ପେଟ୍ରୋଲ୍, ଡିଜେଲ, ରନ୍ଧନ ଗ୍ୟାସ୍ ଓ ଖାଦ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ବାଲିଚନ୍ଦ୍ରପୁରସ୍ଥିତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତା ଅଜୟ ସାମଲଙ୍କ ନେତୃତ୍ୱରେ ମାନଭଞ୍ଜନ ରାଉତରାୟ, କାର୍ତ୍ତିକ ଚନ୍ଦ୍ର ନାୟକ, ସେକ୍‌ରିଆସତ୍‌ଅଲ୍ଲି, ଛାତ୍ରକଂଗ୍ରେସ ନେତା ଜୟପ୍ରକାଶ ବିଶ୍ୱାଳ, ସମିତିସଭ୍ୟ ଖଗେଶ୍ୱର ବେହେରା ଓ ଅଶୋକ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ରର ମୋଦି ସରକାରଙ୍କୁ କଟାକ୍ଷ କରିଥିଲେ। **ବରୀ,(ଡି.ଏନ.ଏ.):** ବରୀ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାମାରୀ କରୋନା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ସାଧାରଣ ଲୋକଙ୍କ ମୁଣ୍ଡ ଉପରେ ଚଡ଼କ ବୋଲି କର୍ମୀମାନେ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ଜିଲା ଯୁବ କଂଗ୍ରେସ ସମ୍ପାଦକ ଅମରେଶ ପରିଡ଼ା, ସୌଭାଗ୍ୟ ଦାସ, ନୃସିଂହ ଶାନ୍ତି, ପ୍ରବୀଣ ଦାସ, ଦେବେନ୍ଦ୍ର ପ୍ରଧାନ, ଶ୍ରବଣ ଦାସ ଓ ମୁନା ଜେନା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। **ସିଂହପୁର,(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ନେତୃତ୍ୱରେ ସିଂହପୁର, ବାଳମୁକୁଳି, ବିଞ୍ଝାରପୁର ଓ ମଇଦାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ପିସିସି ପ୍ରବକ୍ତା ପଦ୍ମାକର ଗୁରୁ, ବ୍ଲକ ସାଧାରଣ ସମ୍ପାଦକ ସୁଦାମ ଚରଣ ସାମଲ, ବରିଷ୍ଠ ନେତା ଭୁବନାନନ୍ଦ ସାମଲ ଓ ସେକ ଜାଫିକ୍‌ଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। **ରସୁଲପୁର,(ଡି.ଏନ.ଏ.):** ରସୁଲପୁର ବ୍ଲକ ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ସାରଙ୍ଗପୁର୍ ନିକଟସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ସଭାପତି ମିହିର ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ଶ୍ୟାମ ସୁନ୍ଦର ପଣ୍ଡା, ସମ୍ପାଦକ ନରେଶ ବେହୁରିଆ ଓ କାଲୁଆ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ। **ଯାଜପୁର ଟାଉନ,(ଡି.ଏନ.ଏ.):** ଯାଜପୁର ନଗର କଂଗ୍ରେସ ପକ୍ଷରୁ ଯାଜପୁର ଟ୍ୟାକ୍ସି ଷ୍ଟାଣ୍ଡ ନିକଟସ୍ଥ ପେଟ୍ରୋଲ ପମ୍ପ ଓ ଗରିଆପୁର ପେଟ୍ରୋଲ ସମ୍ମୁଖରେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ପିସିସି ସମ୍ପାଦକ ଭାସ୍କର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପ୍ରତିମା କର, ଜିଲା ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷୀକେଶ ପତି, ମନୋରଞ୍ଜନ ଦାସ, ଜିଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦକ କନକଲତା ରାଉତ, ଜିଲା କଂଗ୍ରେସ ଉପସଭାପତି ରାଜୀବ ମହାପାତ୍ର, ଜିଲା ଆଇନ୍ କଂଗ୍ରେସ ସେଲ୍ ଆବାହକ ନିତାଇ ଚାନ୍ଦ ମହାନ୍ତି, ନଗର କଂଗ୍ରେସ ଉପସଭାପତି ନିକୁଞ୍ଜ ସାମଲ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୋଧରେ ସ୍ଲୋଗାନ ଦେଇଥିଲେ। **ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ କିଷାନ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ୧୬ ନଂ. ଜାତୀୟ ରାଜପଥ ସଂଖାରୀଡିହ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ନାରୀନେତ୍ରୀ ମିଲି ମଲିକ, ଯୁବନେତା ଦେବାଶିଷ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜିଲା କଂଗ୍ରେସ ପୂର୍ବତନ ସଭାପତି ଶ୍ରୀନାଥ ମିଶ୍ରଙ୍କ ନେତୃତ୍ୱରେ ଶାନ୍ତି ବଜାରସ୍ଥିତ ପେଟ୍ରୋଲ ପମ୍ପ ଓ ରାଜ୍ୟ ଯୁବ କଂଗ୍ରେସ ପ୍ରବକ୍ତା ମାନସ କରଙ୍କ ନେତୃତ୍ୱରେ କାଏମାସ୍ଥିତ ପେଟ୍ରେଲ ପମ୍ପ ଆଗରେ ବହୁ କର୍ମୀ ଧାରଣା ଦେଇଥିଲେ। ଯୁବନେତା ଅନୁକୂଳ ଧଳ, ବରିଷ୍ଠ କଂଗ୍ରେସ ନେତା କୁଳମଣି ପଣ୍ଡା, ଯୋଗୀନାଥ ବେହେରା ଓ ଟୁନା ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। **ପାଣିକୋଇଲି, (ଡି.ଏନ.ଏ.):** ବର୍ଦ୍ଧିତ ତୈଳଦର ଓ ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଓ ଆଇଏନ୍‌ଟିୟୁସି ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକରେ ଲୋକଙ୍କୁ ସଚେତନ କରାଯାଇଛି। କୋରେଇ କଂଗ୍ରେସ ପକ୍ଷରୁ ସଭାପତି ଅକ୍ଷୟ କୁମାର ଜେନାଙ୍କ ନେତୃତ୍ୱରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, କୋରାଇ ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଯୁବ ଆଇଏନଟିୟୁସିର ଜିଲା ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇଙ୍କ ନେତୃତ୍ୱରେ ରଘୁନାଥ ମାଝୀ, ମଧୁସୂଦନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁରସ୍ଥିତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଛି।



କୋରେଇ କଂଗ୍ରେସ ପକ୍ଷରୁ ଏକ ପେଟ୍ରୋଲ୍ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSeOTEIBRTG-DNM17, ତା.08.06.2021ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ବଇରୀ (BYY)-ହରିଦାସପୁର(HDS) ସେକ୍ସନରେ ଉପଯୋଗିତା ସ୍ଥାନାନ୍ତରଣ ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା (infringing) (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେଶନ ବାକ୍ସ, ଅନ୍ୟ ସିଗ୍ନାଲିଙ୍ଗ୍ ଗିଅର) ଏବଂ ବରିଠେଙ୍ଗଡ଼ (BRTG) ଏବଂ ଧାନମଣ୍ଡଳ(DNM) ଷ୍ଟେସନଗୁଡ଼ିକ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍‌ର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 12,94,22,244/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.07.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ନିର୍ମାଣ/ଭୁବନେଶ୍ୱର

PR-20/CE/21-22

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି ଅଧିନିୟମ ପାଇଁ ଦାବିପତ୍ର

**କେନ୍ଦ୍ରାପଡା ଅଫିସ, ୧୧।୬:** କରୋନା ଦେଶରେ ଆର୍ଥିକ ଓ ସାମାଜିକ ବିପତ୍ତି ସୃଷ୍ଟି କରିଛି। ସମସ୍ତଙ୍କୁ ସ୍ୱାସ୍ଥ୍ୟସେବାର ଆବଶ୍ୟକ ଅଛି। ତେବେ ଭିତ୍ତିଭୂମି ନ ଥିବାରୁ ତୃଣମୂଳସ୍ତରରୁ ଏହାର ନିରାକରଣ ହୋଇପାରୁନି। ଦେଶର ପ୍ରଗତି ପାଇଁ ଲୋକସମ୍ବଳର ବିନିଯୋଗ ଆବଶ୍ୟକ। ଏଥିପାଇଁ ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି ଅଧିନିୟମ ଲାଗୁ କରାଯାଉ। ଏପରି ଦାବି କରି ରାଷ୍ଟ୍ରୀୟ ମଧବିତ୍ତ ପରିବାର ମହାସଂଘର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଏଡିଏମ୍‌ଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲା ସଭାପତି ନିରଞ୍ଜନ ପରିଡା, ରାଜ୍ୟ ଉପସଭାପତି ସମ୍ପଦ ସ୍ୱାଇଁ, ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର ଏହି ଦାବିପତ୍ର ପ୍ରଦାନ କରିଥିଲେ।

### ଗାଡ଼ି ଧକ୍କାରେ ଟ୍ରକ୍ ହେଲ୍‌ପର ମୃତ

**ରଘୁନାଥପୁର,୧୧।୬(ଡି.ଏନ.ଏ.):** ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର ଅଚ୍ୟୁତପୁରଠାରେ ଶୁକ୍ରବାର ଭୋରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସ୍ଥାନୀୟ ପୋଲିସ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ଜଣକ ହେଲେ ଢେଙ୍କାନାଳ ସଦର ଥାନା ଗଦାଶିଳା ଗ୍ରାମର ସୁଧୀର କୁମାର ସାହୁ(୪୨)। ସେ ଏକ ବାରଚକିଆ ଟ୍ରକ୍‌ର ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତିରେ ସୁଧୀର କୌଣସି କାରଣରୁ ରାସ୍ତା ଉପରକୁ ଯାଇଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁଧୀରଙ୍କ ମୃତ୍ୟୁ ଘଟିଛି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୮୨/୨୧)ରୁଜୁ ହୋଇଛି।

### ବିଚାରପତି, ଆଇନଜୀବୀଙ୍କ ପରିବାରକୁ ଟିକାଦାନ

**ଜଗତ୍‌ସିଂହପୁର ଅଫିସ, ୧୧।୬:** ଜଗତ୍‌ସିଂହପୁର ଜିଲା କୋର୍ଟ ପରିସରରେ ଶୁକ୍ରବାର ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮ରୁ ୪୪ ବର୍ଷ ମଧ୍ୟରେ ଥିବା ଜିଲାର ବିଚାରପତି, କୋର୍ଟ କର୍ମଚାରୀ, ଆଇନଜୀବୀ ଓ ସେମାନଙ୍କ ପରିବାରର ସଦସ୍ୟା/ସଦସ୍ୟମାନଙ୍କୁ କୋଭିଡ୍-୧୯ ପ୍ରଥମ ମାତ୍ରା ଟିକା ଦିଆଯାଇଛି। ଏକ ଡେଡିକେଟେଡ୍ ଆମ୍ବୁଲାନ୍ସ ଯୋଗେ ୪୦୦ ଡୋଜ୍ କୋଭିଶିଲ୍ଡ ଟିକା ବ୍ୟବସ୍ଥା ହୋଇଥିଲା। ଜିଲା ଓ ଦୌରାଜଜ୍ ଆନନ୍ଦଚନ୍ଦ୍ର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟା ପଣ୍ଡା କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଜିଲା କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ରଙ୍କ ତତ୍ତ୍ୱାବଧାନରେ କୋର୍ଟ ମ୍ୟାନେଜର ଶେଖ୍ ଇସ୍ତାକ୍ ଅଲ୍ଲୀ, ଜିଲା ଓକିଲ ସଂଘ ସଭାପତି ଗଗନ ଚନ୍ଦ୍ର ଦାଶ ଓ ସମ୍ପାଦକ ନରେଶ ଦାସ ପରିଚାଳନା କରିଥିଲେ। ଜ୍ୟୋତ୍ସ୍ନାରାଣୀ ମହାନ୍ତି, ମୌସୁମୀ ନନ୍ଦ, ହିମାଂଶୁ ଦାସ, ଓ ଡା. ଶୁଭଦା ପରିଡ଼ା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ସଂକ୍ରମିତ ହୋଇ ନ ଥିବା ମହିଳା ଔଷଧ ଖାଇ ଗୁରୁତର

**ନାଉଗାଁ,୧୧।୬(ସ୍ୱ.ପ୍ର.):** ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତରେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ସଂକ୍ରମିତ ହୋଇ ନ ଥିବା ଜଣେ ମହିଳା ଔଷଧ ସେବନ କରି ଗୁରୁବାର ଅସୁସ୍ଥ ହୋଇପଡିଥିଲେ। ଅପରପକ୍ଷେ ଆକ୍ରାନ୍ତ ମହିଳା ଜଣକ ରିପୋର୍ଟ ଜାଣି ନ ପାରି ବାହାରେ ବୁଲୁଥିଲେ। ଫଳରେ ଗ୍ରାମରେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୋଇ ଗ୍ରାମର ସମାନ ନାମ ଥିବା ୨ ଜଣ ମହିଳା ଜୁନ୍ ୭ ତାରିଖରେ କରୋନା ଟେଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ ଡାକ୍ତରଖାନା ପକ୍ଷରୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ସାହାଯ୍ୟରେ ସଂକ୍ରମିତଙ୍କ ଘରକୁ ଔଷଧ ପଠାଯାଇଥିଲା। କିନ୍ତୁ ଔଷଧ ପ୍ରଦାନ କରିବା ଦାୟିତ୍ୱରେ ଥିବା ଆଶା ଓ ସ୍ୱାସ୍ଥ୍ୟ କର୍ମୀ ସଂକ୍ରମିତ ହୋଇ ନ ଥିବା ମହିଳାଙ୍କ ଘରେ ଏହି ଔଷଧ ଦେଇଥିଲେ। ଏହା ଖାଇ ଆକ୍ରାନ୍ତ ହୋଇ ନ ଥିବା ମହିଳା ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଝାଡା ହୋଇଥିଲା। ଡାକ୍ତରଖାନା ପକ୍ଷରୁ ଏକ ଟିମ୍ ଆସି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନୂତନ ଔଷଧ ପ୍ରଦାନ କରିଥିଲା । ଏବେ ସମ୍ପୃକ୍ତ ମହିଳା ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ କରୋନା ସଂକ୍ରମିତ ମହିଳା ଜଣକ ରିପୋର୍ଟ ନେଗେଟିଭ ଥିବା ଭାବି ବାହାରେ ବୁଲାବୁଲି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୁନନ୍ଦନ ମହାନ୍ତି କୁହନ୍ତି, ଏ ବିଷୟରେ ସେ ଅବଗତ ନାହାନ୍ତି। ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ।

# ଶ୍ରଦ୍ଧାଳୁ, ସେବାୟତଙ୍କ ଅସନ୍ତୋଷ ତେଜୁଛି

**କେନ୍ଦ୍ରାପଡ଼ା ଅଫିସ, ୧୧।୬**

**ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ବନ୍ଦ**
- ଆଧାରହୀନ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସ୍ମାରକପତ୍ର
- ମହାମାରୀ ନିୟମ ମାନି ଗଡ଼ିପାରିବ ରଥ
- ଆଇନର ଆଶ୍ରୟ ନେବାକୁ ଚାଲିଛି ପ୍ରସ୍ତୁତି

ଚଳିତ ବର୍ଷ ରଥଯାତ୍ରାକୁ ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ଗୁରୁବାର ଏକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆସନ୍ତା ଜୁଲାଇ ୧୨ରେ କେବଳ ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କୋଭିଡ୍- ୧୯ କଟକଣା ମାନି ଅନୁଷ୍ଠିତ ହେବ । ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରା ହୋଇପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏସ୍‌ଆରସିଙ୍କ ଏହି ସୂଚନାକୁ ନେଇ ତୁଳସୀକ୍ଷେତ୍ର ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲାରେ ଅସନ୍ତୋଷ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ଏହା ଆଧାରହୀନ ନିଷ୍ପତ୍ତି ଦର୍ଶାଇ ଜିଲା ଜନ ଅଧିକାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସହ ସ୍ଥାନୀୟ ସମସ୍ତ ରାଜନୈତିକ ଦଳର ନେତାଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରି ତୁଳସୀକ୍ଷେତ୍ରରେ କୋଭିଡ୍ ନିୟମ ମାନି ରଥଯାତ୍ରା କରାଇବାକୁ ଦାବି କରିଛନ୍ତି। ଦୁଇଦିନ ମଧ୍ୟରେ ଏହାର ପୁନର୍ବିଚାର ନ ହେଲେ ଆଇନଗତ ସହାୟତା ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମଞ୍ଚ ସଭାପତି ଭୁବନ ମୋହନ ଜେନା କହିଛନ୍ତି, ଶ୍ରୀକ୍ଷେତ୍ର ରଥଯାତ୍ରାକୁ ନେଇ ୨୦୨୦ରେ ଏପରି ଦ୍ୱନ୍ଦ୍ୱ ଦେଖାଯାଇଥିଲା । ତେବେ ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ନେଇ ଥିବା କେତେକ ସମସ୍ୟାର ସମାଧାନ କରିଥିଲେ। ପରେ ନ୍ୟାୟାଳୟର ନିର୍ଦ୍ଦେଶନାମାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଭିତ୍ତିକରି ହାଇଦ୍ରାବାଦରେ ରଥଯାତ୍ରା, ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ଯାତ୍ରା, ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କୋଭିଡ୍ ନିୟମ ପାଳନ ହୋଇଥିଲା। ତୁଳସୀକ୍ଷେତ୍ରର ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିର ଅଂଶବିଶେଷ। ବାର୍ଷିକ ନୀତିକାନ୍ତିରେ ରଥଯାତ୍ରାର ସ୍ୱତନ୍ତ୍ର ମାହାତ୍ମ୍ୟ ଥିବାବେଳେ ଶ୍ରୀଜୀଉଙ୍କ ରଥଯାତ୍ରା ବନ୍ଦ କରିବା ଏକ ଆଧାରହୀନ ନିଷ୍ପତ୍ତି। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ରଥଯାତ୍ରା ଅନୁଷ୍ଠିତ କରିବାକୁ ସମସ୍ତ ରାଜନୈତିକ ଦଳ ଆଗେଇ ଆସିବାକୁ ମଞ୍ଚ ସଭାପତି ଜେନା ଆହ୍ୱାନ ଦେଇଛନ୍ତି। ଶ୍ରଦ୍ଧାଳୁ ରଞ୍ଜନ କୁମାର କର କହିଛନ୍ତି, ତୁଳସୀକ୍ଷେତ୍ରରେ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ବନ୍ଦ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ପୁରୀ ବଡ଼ଦାଣ୍ଡ ପରି ଏଠାରେ ଚଉଡ଼ା ଦାଣ୍ଡରେ ରଥ ଟଣାଯାଇଥାଏ। କୋଭିଡ୍ ନିୟମମାନି ସେବାୟତଙ୍କ ସହଯୋଗରେ ଶ୍ରୀଜୀଉଙ୍କ ଏକକ ରଥ ଟଣାଯିବାରେ କୌଣସି ଅସୁବିଧା ନାହିଁ। ଏଥିପାଇଁ ସମସ୍ତ ସେବାୟତ ଆଗଭର ଅଛନ୍ତି। ରଥଯାତ୍ରା ବନ୍ଦ ନିଷ୍ପତ୍ତି ନେବା ପୂର୍ବରୁ ପରିଚାଳନାଗତ ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ପ୍ରଶାସକ ଓ ସେବାୟତଙ୍କ ମତାମତ ନେବା ଆବଶ୍ୟକ ଥିଲା। ଦୀର୍ଘ ୯୦୦ ବର୍ଷର ପରମ୍ପରାକୁ ବନ୍ଦ କରିବା ରାଜ୍ୟର ଶ୍ରଦ୍ଧାଳୁଙ୍କ ଉପରେ ପ୍ରଭାବ ପକାଇବ। ସେବାୟତ ନୃସିଂହ ପ୍ରସାଦ ପତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବନ୍ଦ ନିଷ୍ପତ୍ତିକୁ ବିରୋଧ କରାଯାଉଛି। ଏହାର ପୁନର୍ବିଚାର ପାଇଁ ଜିଲା ପ୍ରଶାସନ ସହ ସ୍ଥାନୀୟ ରାଜନେତା ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିଲେ ଆଇନର ସହାୟତା ନିଆଯିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଶ୍ରୀବଳଦେବ ଜୀଉ ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଗତ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହୋଇଛି। ଆବଶ୍ୟକ କାଠ ଆସନ୍ତା ୧୬ ତାରିଖରେ ପହଞ୍ଚିବ। ରଥ ନିର୍ମାଣ ପାଇଁ ପର୍ଯ୍ୟାପ୍ତ ସମୟ ଅଛି। ରଥଯାତ୍ରାକୁ ନେଇ ରାଜ୍ୟ ସରକାର ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ କାର୍ଯ୍ୟକାରୀ ହେବ ବୋଲି ସେ ମତ ଦେଇଛନ୍ତି।


ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶୁକ୍ରବାର ଟ୍ରେନ୍ ଓ ହାଇୱା ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇ ନାହିଁ।

# ମହିଳା ମହାସଂଘ ଗୃହ ନିର୍ମାଣ ବିରୋଧରେ ଧାରଣା


ବ୍ଲକ ସମ୍ମୁଖରେ ମହିଳାଙ୍କ ଧାରଣା।

**ଆଳି,୧୧।୬(ଡି.ଏନ.ଏ.)**

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯୋଜନାରେ ସେମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରୁଛନ୍ତି। ପ୍ରତି ପଞ୍ଚାୟତରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମହାସଂଘରେ ପରିଣତ କରିଛନ୍ତି। ପଞ୍ଚାୟତରେ ମହାସଂଘର ଏକ କାର୍ଯ୍ୟାଳୟ ନିର୍ମାଣ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ହେଲେ ଆଳି ବ୍ଲକ ସଂସିଧା ପଞ୍ଚାୟତରେ ଏହି ଗୃହ ନିର୍ମାଣକୁ ମହାସଂଘର ମହିଳାମାନେ ବିରୋଧ କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ମହାସଂଘର ସଭାନେତ୍ରୀ ପରିପୂର୍ଣ୍ଣା ଭୂୟାଁ ଓ ସମ୍ପାଦିକା ଶାନ୍ତିଲତା ଦାସ ଅଭିଯୋଗ କରିଛନ୍ତି ଯେ ସଂସିଧା ପଞ୍ଚାୟତର ୫୪ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ମହାସଂଘ ଗଠିତ ହୋଇଛି। ମହାସଂଘର ନୂତନ ଗୃହ ନିର୍ମାଣ ହେବା ନିମନ୍ତେ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ମହାସଂଘର ସମସ୍ତ ମହିଳା ଏକ ବୈଠକ ଡାକି ସର୍ବସମ୍ମତିକ୍ରମେ ମହାସଂଘ ଗୃହ ପଞ୍ଚାୟତର ମଧ୍ୟସ୍ଥଳି ଦକ୍ଷିଣେଶ୍ୱର ଏମ୍‌ଇ ସ୍କୁଲ ନିକଟରେ ନିର୍ମାଣ କରିବାକୁ ଏକ ଲିଖିତ ପତ୍ର ମେ' ୨ ତାରିଖରେ ଆଳି ବିଡିଓଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ସେମାନଙ୍କ ଆବେଦନପତ୍ରକୁ ଭୂକ୍ଷେପ ନ କରି ଏହି ଗୃହ କାର୍ଯ୍ୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଆରମ୍ଭ ହୋଇଛି। ଏ ସମ୍ପର୍କରେ ମହାସଂଘର ମହିଳାମାନେ ସରପଞ୍ଚ ମମତା ଭୂୟାଁଙ୍କୁ ପଚାରିବାରୁ ସେ ଏହି ଘର ବିଷୟରେ କିଛି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଶୁକ୍ରବାର ମହାସଂଘର ସଦସ୍ୟାମାନେ ପୁନର୍ବାର ଏକତ୍ରିତ ହୋଇ ନିର୍ମାଣାଧୀନ ଗୃହ କାର୍ଯ୍ୟକୁ ବନ୍ଦ କରିଛନ୍ତି। ସେମାନେ ସ୍ଥିର କରିଥିବା ସ୍ଥାନରେ ଗୃହ ନିର୍ମାଣ କରିବା ଦାବିରେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରି ପ୍ରକୋଷ୍ଠ ବାହାରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରେ ସରକାରଙ୍କ ଯାହା ଗାଇଡ୍‌ଲାଇନ ରହିଛି ସେହି ଅନୁଯାୟୀ କାର୍ଯ୍ୟ ଆରମ୍ଭ ହୋଇଛି। ସେମାନଙ୍କ ଦାବିପତ୍ର ଗ୍ରହଣ କରିଛି। ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରେରଣ କରିବି, ଯଦି କିଛି ନିର୍ଦ୍ଦେଶ ଆସେ ତେବେ ସେହି ଅନୁଯାୟୀ କାର୍ଯ୍ୟ କରାଯିବ।

## ପାଠାଗାରରେ ରହିବ 'ସୁନା ଭଉଣୀ'

**ଶିଶୁ ସାହିତ୍ୟ ପତ୍ରିକା ଉନ୍ମୋଚିତ**

**ଜଗତ୍‌ସିଂହପୁର ଅଫିସ, ୧୧।୬**

ମାସିକ ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ' ଲିମ୍କା ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହି ପତ୍ରିକାର ସ୍ରଷ୍ଟା ସ୍ୱର୍ଗତ ବିଜୟ କୁମାର ମହାପାତ୍ର ଜଗତ୍‌ସିଂହପୁର ଜିଲାର ହୋଇଥିବାରୁ ପତ୍ରିକାକୁ ଜିଲାର ବିଦ୍ୟାଳୟ ପାଠାଗାରଗୁଡ଼ିକରେ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୁଧବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହାକୁ ଉନ୍ମୋଚନ କରିଥିଲେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପତ୍ରିକା ଉନ୍ମୋଚନ ଅବସରରେ ଜିଲାପାଳ କହିଥିଲେ, ସାଧାରଣତଃ ଶିଶୁର ଶୈକ୍ଷିକ ଓ ବୌଦ୍ଧିକ ବିକାଶ ପାଇଁ ଶିଶୁ ସାହିତ୍ୟ ପତ୍ରିକା ବେଶ୍ ଗୁରୁତ୍ୱ ବହନ କରେ। ସ୍ୱର୍ଗତ ମହାପାତ୍ରଙ୍କ ନିଷ୍ଠାପର ଉଦ୍ୟମରେ ଏଭଳି ଏକ ଶିଶୁ ସାହିତ୍ୟ ପତ୍ରିକା ଜନ୍ମ ନେଇ ପାଠକଙ୍କ ଦ୍ୱାରା ଆଦୃତି ଲାଭ କରିପାରିଛି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୁନା ଭଉଣୀର ସମ୍ପାଦକ ବିଜୟଲକ୍ଷ୍ମୀ ମହାପାତ୍ର, ସହସମ୍ପାଦିକା ସୁଶ୍ରୀ ବିଜୟିନୀ ମହାପାତ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଖବରଦାତା ନିରଞ୍ଜନ ବାରିକ ଓ ଗୋବିନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇସୋଲେଶନ ରୁମ୍‌ରେ ଭଙ୍ଗାରୁଜା, ୨ ଗିରଫ

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଦାଦାଗିରି**

**ଜଗତ୍‌ସିଂହପୁର ଅଫିସ, ୧୧।୬**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ୨ ଜଣ ବ୍ୟକ୍ତି ଦାଦାଗିରି କରିବା ସହ ଆଇସୋଲେଶନ କୋଠରିରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଦୁର୍ଗାପୁରର ପ୍ରଦୀପ୍ତ କୁମାର ପ୍ରଧାନ ଓରଫ ବେଣ୍ଟୁ (୫୧) ଏବଂ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଖରାପୁରସ୍ଥିତ ନାରାୟଣ ପ୍ରସାଦ ନନ୍ଦ ଓରଫ କିଶୋର (୪୧)। ଏନେଇ ଚିକିତ୍ସାଳୟ ଏଡିଏମ୍‌ଓ ଅଜୟ କୁମାର ସ୍ୱାଇଁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ସଙ୍ଗିନ ଦଫା ଲଗାଇବା ସହ ମାମଲା (ନଂ.୨୮୧/୨୧)ରୁଜୁ କରିଛି। ଏଥିସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି।

ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ଅପରାହ୍ନ ସମୟରେ ପ୍ରଦୀପ୍ତ ଓ ନାରାୟଣ ହଠାତ୍ ଆଇସୋଲେଶନ୍ କୋଠରିରେ ପ୍ରବେଶ କରି ଗୋଇଠା ମାରି ଏକ ଫ୍ୟାନ୍ ଭାଙ୍ଗି ଦେଇଥିଲେ।


ଗିରଫ ୨ ଅଭିଯୁକ୍ତ।

ତା'ପରେ ସେମାନେ ନର୍ସମାନେ ବସୁଥିବା କୋଠରିକୁ ଯାଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ମେଡିକାଲ ଆଉଟପୋଷ୍ଟରେ ଥିବା ହାବିଲଦାର ପି. କେ. ଲେଙ୍କା ସେଠାରେ ପହଞ୍ଚି ଅଟକାଇଥିଲେ। ତାଙ୍କୁ ମଧ ଅଭିଯୁକ୍ତମାନେ ଛାଡ଼ି ନ ଥିଲେ। ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ଲୁଣାପାଣି ବାହାରୁଥିବା ନଳକୂପର ବିଲ୍

**ପଟ୍ଟାମୁଣ୍ଡାଇ, ୧୧।୬(ସ୍ୱ.ପ୍ର.)**

**ଗ୍ରାମ୍ୟ ଜଳ ଯୋଗାଣ ବିଭାଗ**

ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଖନନ କରାଯାଇଥିବା ୮ଟି ନଳକୂପରୁ ଲୁଣା ପାଣି ବାହାରୁଛି। ହେଲେ ଚଞ୍ଚକତା କରି ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯାଇଛି। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଅଧିବାସୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତାହାର କୌଣସି ପଦକ୍ଷେପ ନିଆଯାଇ ନାହିଁ। ନଳକୂପରୁ ଲୁଣା ପାଣି ବାହାରୁଥିବାରୁ କୋଭିଡ୍ କଟକଣା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଦାଣ୍ଡିସାହି ଜୟ ହିନ୍ଦ୍ ହାଇସ୍କୁଲ ପଛପଟରେ ୨୦୨୦-୨୧ ଆର୍ଥିକ ବର୍ଷରେ ଖନନ କରାଯାଇଥିବା ଗଭୀର ନଳକୂପରୁ ଲୁଣା ପାଣି ବାହାରୁଛି। ସେହିପରି ଅମୃତମଣୋହୀ ଛକ ମଦ ଦୋକାନ ନିକଟରେ ଅଜୟ ସାହୁଙ୍କ ଘର ନିକଟରେ ଖନନ ହୋଇଥିବା ଗଭୀର ନଳକୂପ, ବଲୁରିଆ ଜହ୍ଲାକୂଳ ସନାତନ ମଲିକଙ୍କ ଘର ନିକଟ ନଳକୂପ, ଓଉପଦା ଗଣେଶ ସାମଲଙ୍କ ଘର ନିକଟ ନଳକୂପ, ବାଲିକିରା ରାଉଳସାହି, ନାହିଆଡିଆ ୟୁପି ସ୍କୁଲ, କୋଳଥିଆ ବେହେରା ସାହି ନିକଟ ଗଭୀର ନଳକୂପ ଲୁଣା ପାଣି ଯୋଗୁ ଅଚଳ ହୋଇପଡିଛି। ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କର ଏଥିପ୍ରତି ନିଘାନାହିଁ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ଲୁଣା ହୋଇଥିବା ନଳକୂପ ସ୍ଥାନରେ ଏକ ମାସ ମଧ୍ୟରେ ଅନ୍ୟ ଏକ ଗଭୀର ନଳକୂପ ଖନନ କରାଯିବାକୁ ନିୟମ ଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି ଲୁଣା ନଳକୂପଗୁଡିକରୁ ବିଲ୍ କରି ଅର୍ଥ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଓ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀ ସୁରେଶ ଚନ୍ଦ୍ର ବେହେରା, ରମେଶ ବେହେରା, ପ୍ରଦୀପ ବେହେରା, ଅଜୟ ମଲିକ, ଆଦିକନ୍ଦ ଦାସ, ପ୍ରଭାତ ରାଉତ, ଗୟାଧର ଯେନା, ଶଙ୍କର ଯେନା, ରବୀନ୍ଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଧାରଣା



କେନ୍ଦ୍ରାପଡ଼ାଠାରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

**କେନ୍ଦ୍ରାପଡ଼ା ଅଫିସ, ୧୧।୬**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ୪ଘଣ୍ଟା ଗଣଧାରଣା ଦିଆଯାଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଶାସନ ନୀତିକୁ ସମାଲୋଚନା କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଦର ଲିଟର ପ୍ରତି ୧୦୦ରୁ ଅଧିକ ହୋଇଥିବାବେଳେ ଖାଇବା ତେଲ ୨୦୦ ଟଙ୍କାରେ ପହଞ୍ଚିଛି। ଫଳରେ ମହାମାରୀ ସମୟରେ ସାଧାରଣଜନତା ଏଥିରେ ଅତିଷ୍ଠ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମାରଣନୀତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଗଣଧାରଣାରେ ଜିଲାର ବହୁ ବରିଷ୍ଠ ନେତା ଭାଗ ନେଇଛନ୍ତି।

**ପାଟକୁରା,(ଡି.ଏନ୍.ଏ.):** ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର କଂଗ୍ରେସ ବ୍ଲକ ଶାଖା ପକ୍ଷରୁ କୋଭିଡ୍ କଟକଣା ଭିତରେ ଗରଦପୁର ଓ ମାହାଳଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡାଙ୍କ ସଂଯୋଜନାରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇଥିଲେ। ଏହି ଧାରଣାରେ କର୍ମୀ ନିରଞ୍ଜନ ରାଉତ, ଜିଲା କଂଗ୍ରେସ କମିଟି ସମ୍ପାଦକ ଅଜିତ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷା ମିତା ବେହେରା, ସଂଗ୍ରାମ ପୃଷ୍ଟି, ରମାକାନ୍ତ ସ୍ୱାଇଁ, ମହମ୍ମଦ ଖାଲିଦାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

**ରାଜନଗର, (ଡି.ଏନ.ଏ.):** ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସାନବଡଗୋପାଳପୁର ଓ ଗୋସିଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତିଦେବେନ୍ଦ୍ର କୁମାର ଜେନା, ସନ୍ତୋଷ ମହାନ୍ତି, ଅଶୋକ ବଳ, ରଞ୍ଜନ ମହାନ୍ତି, ଯୁବ କଂଗ୍ରେସ ସଭାପତି ବିମଳ ବିଶ୍ୱାଳ, ଛାତ୍ର କଂଗ୍ରେସ ସଭାପତି ପ୍ରଭାତ ରାଉଳ, ସମିତିସଭ୍ୟ ପାରେଶ୍ୱର ନାୟକ, ଶୁକଦେବ ଭଦ୍ର ପ୍ରମୁଖ ଧାରଣାରେ ବସିଥିଲେ।

**ପଟ୍ଟାମୁଣ୍ଡାଇ, (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର କ୍ରମାଗତ ଭାବେ ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି କରି ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ଏହାର ପ୍ରତିବାଦରେ ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସ, ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମିଲ, ଜିଲା ଅନୁସୂଚିତ ଜାତି ସଭାପତି ସର୍ବେଶ୍ୱର ସେଠୀ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ।

**ଆଳି, (ଡି.ଏନ.ଏ.):** ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରାଙ୍କ ନେତୃତ୍ୱରେ ବ୍ଲକରେ ଥିବା ସମସ୍ତ ପେଟ୍ରୋଲ ପମ୍ପରେ ଧାରଣା ଦିଆଯାଇଥିଲା। ଏଥିରେ ଆଳିର ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ କହିଥିଲେ, ପ୍ରକୃତରେ ତେଲ ଦର ବଢୁନି। ମୋଦି ସରକାର ଏହାକୁ ବଢ଼ାଇ ଦେଉଛନ୍ତି। କଂଗ୍ରେସ ସରକାର ଥିବାବେଳେ ପେଟ୍ରୋଲ ଦର ୫୫ରୁ ୬୦ ଟଙ୍କା ଥିବାବେଳେ ଏବେ ୧୦୦ ଛୁଇଁବାକୁ ବସିଲାଣି। ରନ୍ଧନ ଗ୍ୟାସ ୪ ଶହରୁ ୯ ଶହ ଟପିଲାଣି। ତେଣୁ ସାଧାରଣ ଜନତାଙ୍କ ଉପରେ ଏହାର ବେଶ ପ୍ରଭାବ ପଡୁଛି। ଧାରଣାରେ ଜଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବିଧାନସଭା ଯୁବ କଂଗ୍ରେସ ସଭାପତି ରାଜ ମୋହନ ସ୍ୱାଇଁ, ନକୁଳ ପରିଡା, ବିଜୟ ନାୟକ, କାଶୀନାଥ ବେହେରା, ସେକ ତୟବ, ସେକ ଚମନ, ଭୀମସେନ ବାରିକ ପ୍ରମୁଖଙ୍କ କର୍ମୀ ସାମିଲ ହୋଇଥିଲେ।


ଆଳିରେ ତେଲ ଟାଙ୍କି ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

## ଜଗତ୍‌ସିଂହପୁରରେ ବିକ୍ଷୋଭ

**ଏରସମା/ନାଉଗାଁ/ବାଲିକୁଦା,୧୧।୬(ସ୍ୱ.ପ୍ର.)-** ପେଟ୍ରୋଲ,ଡିଜେଲ ସମେତ ରନ୍ଧନ ଗ୍ୟାସ୍‌ର ବୃଦ୍ଧି ପ୍ରତିବାଦରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଏରସମା ବ୍ଲକ ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟସ୍ଥ ପେଟ୍ରୋଲ ପମ୍ପ ପରିସରରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ବହ୍ଲବାନନ୍ଦ ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ।ଏହି ଅବସରରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ସେହିପରି ନାଉଗାଁରେ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରାଙ୍କ ନେତୃତ୍ୱରେ ୨ ପେଟ୍ରୋଲ ପମ୍ପ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଧାରଣାରେ ବ୍ଲକ କଂଗ୍ରେସ ପକ୍ଷରୁ ବିଚିତ୍ରା ନନ୍ଦ ଲେଙ୍କା, ଦୁଃଶାସନ ନାୟକ, ବେଣୁଧର ସ୍ୱାଇଁ, ବିନୟ ଭୂଷଣ ମହାପାତ୍ର, ନୃସିଂହ ନାୟକ, ମନୋଜ ଦାସ ଓ ଦୋଳଗୋବିନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବାଲିକୁଦାରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ପେଟ୍ରୋଲ ପମ୍ପରେ ଗଣଧାରଣା ଦିଆଯାଇଥିଲା । ଏଥିରେ ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡ଼ାଙ୍କ ସଭାପତିତ୍ୱରେ ସେଠାରେ ଆୟୋଜିତ ସଭାରେ ମାନବାଧିକାର କମିଶନ ଓଡ଼ିଶା ସଂଯୋଜକ ସୁଶାନ୍ତ କାନୁନଗୋ, ଜିଲା ପରିଷଦ ସଦସ୍ୟ ମହନୀ ଚରଣ ରାଉତ, ଯୁବ ସଂଗଠକ ରାଜକିଶୋର ସାହୁ, ଜିଲା ଓବିସି ସେଲ୍ ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିନ୍ଦା କରିଥିଲେ।


ଏରସମା ସ୍ଥିତ ପେଟ୍ରୋଲ ପମ୍ପଠାରେ କଂଗ୍ରେସ ପକ୍ଷରୁ ଧାରଣା।

## ସଂକ୍ଷେପରେ

### ଏକ୍‌ମୋ ଚିକିତ୍ସା ପାଇଁ ୧ କୋଟି ଆବଶ୍ୟକ

ଅମୂଲ୍ୟଙ୍କୁ ସହଯୋଗ କରିବାକୁ ନିବେଦନ



ନୟାଗଡ଼ ଅଫିସ,୧୧।୬: ନୟାଗଡ଼ ବ୍ଲକ ଧବଳେଇ ଗାଁର ଅମୂଲ୍ୟ ପରିଡା(୩୩) କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ହସ୍ପିଟାଲର ବେଡ ନଂ. ୧୭୨ ଆଇସିୟୁ ୩ରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଏକ୍‌ମୋ ପାଇଁ କୋଲକାତା ଅଥବା ହାଇଦ୍ରାବାଦ ଯିବାକୁ ନିହାତି ଆବଶ୍ୟକ। ଏଥିପାଇଁ ୧ କୋଟି ଟଙ୍କା ଦରକାର। ତେବେ ଗରିବ ପରିବାର ଯୋଗୁ ଆର୍ଥିକ ସହାୟତା ନ ହେଲେ ଚିକିତ୍ସା ସ୍ୱପ୍ନ ହୋଇ ରହିଯିବ। ପୁଣି ଏହି ସେବା ତୁରନ୍ତ ଦରକାର। ଏଭଳିସ୍ଥଳେ ତାଙ୍କ ସ୍ତ୍ରୀ ସହାୟତା ପାଇଁ ଗୁଗୁଲ ପେ ଫୋନ ନଂ. ୯୫୮୩୧୧୧୬୧୦ ଓ ୯୦୪୦୬୦୮୦୨୦ରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି। ଅମୂଲ୍ୟ ପ୍ରଥମେ ଗୃହ ସଙ୍ଗରୋଧରେ ୧୦ ଦିନ ଥିଲେ। ଆରୋଗ୍ୟ ନ ହେବାରୁ ଖଣ୍ଡପଡା କୋଭିଡ୍ ସେଣ୍ଟର ୩ ଦିନ ରହିଥିଲେ। ପରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ପରିବାର ସମସ୍ତେ କୋଭିଡ୍‌ରେ ଅକାନ୍ତ ହୋଇ ଭଲ ହୋଇ ସାରଲେଣି। ତାଙ୍କର ୩ ବର୍ଷର ଝିଅଟିଏ ଅଛି।

### ନୟାଗଡ଼ରେ ଡିଜିଟାଲ ମିଡିଆ ସଂଘ ଗଠିତ

ନୟାଗଡ ଅଫିସ,୧୧।୬: ନୟାଗଡ ଜିଲାରେ ଡିଜିଟାଲ ୱେବ ମିଡିଆ ଖବରଦାତାମାନଙ୍କୁ ନେଇ ଡିଜିଟାଲ ମିଡିଆ ସାମ୍ବାଦିକ ସଂଘ ଶୁକ୍ରବାର ଗଠନ ହୋଇଛି। ଏହାକୁ ନୟାଗଡ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ, ଡିଜିଟାଲ ଯୁଗରେ ଡିଜିଟାଲ ମିଡିଆର ଗୁରୁତ୍ୱ ବଢୁଛି। ତେବେ ଏହାକୁ ଠିକ୍ ମର୍ଯ୍ୟାରେ ପରିଚାଳନା କରିବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ଦଶପଲ୍ଲା ବିଧାୟକ ରମେଶ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସଂଘର ସଭାପତି ଅନୱର ଅଲ୍ଲୀ ସଭାପତିତ୍ୱ କରିଥିଲେ। ଉପସଭାପତି ଭାବେ ଯଜାତି କେଶରୀ ମହାପାତ୍ର, ସମ୍ପାଦକ କିଶୋର ମହାପାତ୍ର, ସହସମ୍ପାଦକ ଭାବେ ବିଶ୍ୱଭୂଷଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି।

### ୧୧୪ ୟୁନିଟ୍ ରକ୍ତ ସଂଗ୍ରହ



ଗଣିଆ, ୧୧।୬(ଡି.ଏନ.ଏ.): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଶୁକ୍ରବାର ଗଣିଆ ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆୟୋଜନରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ସମେତ ବ୍ଲକ ସରପଞ୍ଚ ସଂଘର ସଭାପତି ପ୍ରଫୁଲ୍ଲ ବେହେରା, ଆଡକଟା ପଞ୍ଚାୟତର ସମିତିସଭ୍ୟ ଚନ୍ଦ୍ରଶେଖର ସାହୁ ଉପସ୍ଥିତ ରହିଥିଲେ। ଶିବିରରେ ୧୧୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

ଲୁଟ୍ ଘଟଣାକୁ ମାସେ ବିତିଲା

ଖଣ୍ଡପଡା,୧୧।୬(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତ ବାସୁଦେବପୁର ଗାଁର ଶରତ କୁମାର ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ମେ' ୧୦ରେ ଆଲମିରା ଭାଙ୍ଗି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନା ଗହଣା ଓ ମୂଲ୍ୟବାନ ସାମଗ୍ରୀ ସବୁ ଲୁଟି ନେଇଥିଲେ। ଏ ନେଇ ଫତେଗଡ଼ ଥାନାରେ ସାହୁଙ୍କ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରି ଘଟଣାର ତଦନ୍ତ କରିଥିଲା। ହେଲେ ଏହି ଘଟଣାକୁ ମାସେ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି। ଚୋରି ସାମଗ୍ରୀ ଉଦ୍ଧାର କରାଯାଇ ନ ଥିବାରୁ ଅଭିଯୋଗକାରୀ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୋରି ପରେ ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। ବିଶେଷ ସୂତ୍ରରୁ ତଥ୍ୟକୁ ଆଧାର କରି ପୋଲିସ ଭୁବନେଶ୍ୱରର ଭରତପୁର ସମେତ ବିଭିନ୍ନସ୍ଥାନରେ ଚଢାଉ କରିଥିଲା। ସ୍ଥାନୀୟ ଅଞ୍ଚଳର ୪ରୁ୫ ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ଡାକି ଘଟଣା ସମ୍ପର୍କରେ ପଚାରି ଛାଡି ଦେଇଛି। ଚୋରି ଘଟଣାରେ ପୋଲିସର ଉଦାସୀନତାକୁ ନେଇ ସାହୁ ଖଣ୍ଡପଡା ଏସ୍‌ଡିପିଓ ଓ ନୟାଗଡ଼ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

# ଜିଲାପାଳ, ଡିଏଫ୍‌ଓଙ୍କୁ ଏନ୍‌ଜିଟିଙ୍କ ନୋଟିସ

ନୟାଗଡ଼ ଅଫିସ,୧୧।୬





ଗୁଡୁପାଙ୍ଗୀ ଜଙ୍ଗଲ।



ଢ଼ିପମାଳରେ ନିର୍ମାଣ ହୋଇଥିବା ରାସ୍ତା।

■ ଫରେଷ୍ଟ କ୍ଲିଅରାନ୍ସ ନ ଥାଇ ରାସ୍ତା ନିର୍ମାଣ
■ ବଳଭଦ୍ରପୁର ଢ଼ିପମାଳ ରାସ୍ତା ନିର୍ମାଣ ପ୍ରସଙ୍ଗ

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଗୁଡୁପାଙ୍ଗୀ ଜଙ୍ଗଲ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାସ୍ତା ନିର୍ମାଣକୁ ନେଇ ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦ ଏବେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ପହଞ୍ଚିଛି। ଫରେଷ୍ଟ କ୍ଲିଅରାନ୍ସ ନ ଥାଇ ରାସ୍ତା ନିର୍ମାଣ ହେଉଥିବାରୁ ଟ୍ରିବ୍ୟୁନାଲର ପୂର୍ବାଞ୍ଚଳ ଜୋନ ବେଞ୍ଚ କୋଲକାତା ପକ୍ଷରୁ ଭିଡିଓ କନଫେରେନ୍ସରେ ଜୁନ ୪ରେ ଶୁଣାଣି କରାଯାଇଥିଲା। ନୟାଗଡ଼ ଜିଲାପାଳ ଓ ନୟାଗଡ଼ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ)ଙ୍କୁ ନୋଟିସ୍ କରାଯାଇଛି। ଆସନ୍ତା ଶୁଣାଣି ଜୁନ ୨୮ପୂର୍ବରୁ ଜିଲାପାଳ ଓ ଡିଏଫ୍‌ଓ ବ୍ୟକ୍ତିଗତ ଭାବେ ଆଫିଡେଭିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଜଷ୍ଟିସ୍ ବି. ଅମିତ୍ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ସାଇବାଲ ଦାସଗୁପ୍ତା ଏହାର ଶୁଣାଣି କରିଥିଲେ।

ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ଚାଲିଛି। ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢେଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ଫେବୃୟାରୀ ପ୍ରଥମ ସପ୍ତାହରେ ବିବାଦ ଉଗ୍ରରୂପ ନେଇଥିଲା। ଫେବୃୟାରୀ ୪ ତାରିଖ ରାତିରେ ଗୁଡୁପାଙ୍ଗି ଦେଉଳି ରାସ୍ତାର ଦେଉଳିଠାରେ ଗଛ, ପଥର ପକାଇ ରାତିରୁ ରାସ୍ତା ଅବରୋଧ ହୋଇଥିଲା। ଫେବୃୟାରୀ ୫ରେ ଠେଙ୍ଗା ଓ ଧନୁତୀର ଧରି ରାସ୍ତାରେ ଜଗି ରହି ନାକାବନ୍ଦ କରିବା ପରେ ଗୁଡୁପାଙ୍ଗୀ ଲୋକ ବାହାରକୁ ଆସି ପାରି ନ ଥିଲେ। ଉତ୍ତେଜନାକୁ କମାଇବା ପାଇଁ ଫେବୃୟାରୀ ୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସି ୧ ବନାମ ୧୭ ଗାଁର ବିବାଦକୁ ସମାଧାନ କରାଯାଇଥିଲା। ଜଙ୍ଗଲ ମଧ୍ୟରେ ସ୍ଥାୟୀ ରାସ୍ତା କାର୍ଯ୍ୟ ଆରମ୍ଭ ପରେ ପୁଣି ବିବାଦ ମୁଣ୍ଡ ଟେକିଥିଲା। ଗୁଡୁପାଙ୍ଗି ଲୋକ କାମ ବନ୍ଦ କରାଇ ଜିଲାପାଳ, ତହସିଲଦାରଙ୍କୁ ଭେଟିଥିଲେ। ସେପଟେ ରାସ୍ତା ନିର୍ମାଣ ହେବାକୁ ଅଡି ବସି ୧୭ଟି ଗାଁର ଲୋକ ବାରମ୍ବାର ଜିଲାପାଳଙ୍କୁ ଭେଟିଥିଲେ। ପରେ ଶାନ୍ତି କମିଟି କରାଯାଉ ଉଭୟପକ୍ଷଙ୍କୁ ଡକାଯାଇଥିଲା। ତେବେ ଏଥିକୁ ଗୁଡୁପାଙ୍ଗୀ ଗାଁଲୋକ ଆସି ନ ଥିଲେ। ଜଙ୍ଗଲ ମଧ୍ୟରେ ରାସ୍ତା ନେବାକୁ ବିରୋଧ କରି ଗୁଡୁପାଙ୍ଗୀ ଗାଁର ହେମନ୍ତ ନାୟକ ଗ୍ରୀନ ଟ୍ରିବ୍ୟୁନାଲକୁ ଯାଇଛନ୍ତି। ଗ୍ରୀନ ଟ୍ରିବ୍ୟୁନାଲରେ ଏ ନେଇ ନଂ. ୧୨/୨୦୨୧ରେ ମକଦ୍ଦମା ରୁଜୁ ହୋଇ ଶୁଣାଣି ଆରମ୍ଭ ହୋଇଛି। ଏ ନେଇ ହେମନ୍ତ କୁହନ୍ତି, ବଳଭଦ୍ରପୁର ଓ ଢ଼ିପମାଳକୁ ନିର୍ମାଣ ହେଉଥିବା ୬ କିମି ରାସ୍ତାରେ ୬୦୦ ମିଟର ହେଉଛି ଜଙ୍ଗଲ ରାସ୍ତା। ରାସ୍ତା ନିର୍ମାଣ ହେବାକୁ ହେଲେ ଅନେକ ଗଛ ବଳି ପଡିବ। ଏପରିକି ଗଛ କଟାଯାଉଛି। ହେଲେ ଗଛକଟା ନେଇ ଜଙ୍ଗଲ ଅନୁମତି ନାହିଁ। ଜଙ୍ଗଲ ମଧ୍ୟରେ ରାସ୍ତା ନେବାକୁ ଓ ଗଛ କାଟିବାକୁ ହେଲେ ଫରେଷ୍ଟ କଞ୍ଜରଭେଶନ ଆକ୍ଟ ୧୯୮୦ ଅନୁସାରେ ଅନୁମତି ନିହାତି ଆବଶ୍ୟକ। ଅନ୍ୟପକ୍ଷେ ଜଙ୍ଗଲରେ ଭାଲୁ, ମାଙ୍କଡ, ଠେକୁଆ, ହରିଣ ପରି ପ୍ରାଣୀ ଉପରେ ଏହାର ପ୍ରଭାବ ପଡିବ। ଜଙ୍ଗଲ ମଧ୍ୟରେ ରାସ୍ତା ନ ନେଇ ଦୁଇ ଗାଁ ମଧ୍ୟକୁ ସଂଯୋଗ ହେବା ପାଇଁ ବିକଳ୍ପ ଜମି ଅଛି। ଯେଉଁଥିରେ ରାସ୍ତାର ଦୂରତା କମିଯିବ। ଏହାକୁ ଅଣଦେଖା କରାଯାଉଛି। ଏଣୁ ଜଙ୍ଗଲ ମଧ୍ୟରେ ରାସ୍ତା ନ ନେବାକୁ ରହିତାଦେଶ ଜାରି କରିବାକୁ ଗ୍ରୀନ ଟ୍ରିବ୍ୟୁନାଲରେ ଆଶ୍ରୟ ନେଇଛୁ। ଯାହାର ଶୁଣାଣି ଆରମ୍ଭ ହୋଇଛି। ଶଙ୍କର ପ୍ରସାଦ ପାଣି ଆମର ଓକିଲ ଭାବେ ଲଢୁଛନ୍ତି। ଏ ନେଇ ଗୁଡୁପାଙ୍ଗୀ ଗାଁ ସଭାପତି ଅର୍ଜୁନ ନାୟକ କୁହନ୍ତି, ପାଳି କରି ଆମେ ଆମ ଗାଁର ଦଧିନଉତି ଜଙ୍ଗଲକୁ ୧୯୮୨ରୁ ସୁରକ୍ଷା ଦେଇ ଆସିଛୁ। ଜଙ୍ଗଲ ଭିତରେ ନୂଆ ଗଛ ଲଗାଉଛୁ। ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢୁଛନ୍ତି। କିନ୍ତୁ ଜଙ୍ଗଲ ମଧ୍ୟରେ ସ୍ଥାୟୀ ରାସ୍ତା କରାଗଲେ ଜଙ୍ଗଲ ଉଜୁଡିବ। କାଠଚୋର ଓ ଦେଶୀ ମଦ ବେପାରୀଙ୍କୁ ଜଙ୍ଗଲ ଲୁଟିବାକୁ ସୁବିଧା ହେବ। ଏଣୁ ଜଙ୍ଗଲ ମଧ୍ୟରେ ରାସ୍ତା ନ ନେଇ ଅନ୍ୟତ୍ର ନିଆଯାଉ ବୋଲି ଆମେ ବାଧ ହୋଇ କୋର୍ଟର ଆଶ୍ରୟ ନେଲୁ।

## ଅଡିଟ୍ ପରେ ଆସିବ ପ୍ରକୃତ ତଥ୍ୟ: ଜିଲାପାଳ

କୋଭିଡ୍ ମୃତକ ସଂଖ୍ୟାରେ ତାଳମେଳ ନାହିଁ

ନୟାଗଡ ଅଫିସ,୧୧।୬

ନୟାଗଡ଼ ଜିଲାରେ କୋଭିଡ୍‌ରେ କେତେ ପ୍ରାଣ ହରାଇଛନ୍ତି ସେ ନେଇ ରାଜ୍ୟ ସରକାର, ସ୍ୱାସ୍ଥ୍ୟ ଓ ଜିଲା ସମାଜ ମଙ୍ଗଳ ବିଭାଗର ତଥ୍ୟ ଭିନ୍ନ ରହିବା ପରେ ସନ୍ଦେହ ସୃଷ୍ଟି ହୋଇଥଲା। ଭାଜପା, କଂଗ୍ରେସ ଏହାକୁ ନେଇ ପ୍ରଶ୍ନ ଉଠାଇ ଜିଲା ପ୍ରଶାସନକୁ ସମାଲୋଚନା କରିଥିଲେ। ଶେଷରେ କୋଭିଡ୍ ମୃତ୍ୟୁ ସଂଖ୍ୟାରେ ତାଳମେଳ ରହୁ ନ ଥିବା ଘଟଣା ଉପରେ ନୟାଗଡ ଜିଲାପାଳ ମୁହଁ ଖୋଲିଛନ୍ତି। କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୋଟ ମୃତ୍ୟୁ ସଂଖ୍ୟା ଅଡିଟ୍ ହୋଇ ନ ଥିବାରୁ ଦ୍ୱନ୍ଦ୍ୱ ହେଉଛି। ଏହାର ଅଡିଟ୍ ପରେ ରାଜ୍ୟ ସରକାର ଏ ନେଇ ଘୋଷଣା କରିବେ ବୋଲି ଜିଲାପାଳ ଡ. ପୋମା ଟୁଡୁ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ତେବେ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କୁ କୋଭିଡ୍ ମୃତ୍ୟୁ ସଂଖ୍ୟା ଅଡିଟ୍ କରାଯାଇ ୯ ଜଣଙ୍କ ନାମ ଦିଆଯାଇଛି। ଅନ୍ୟଗୁଡିକର ଅଡିଟ ଚାଲିଛି। ସିଡିଏମଓ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ତଥ୍ୟ କେବଳ କୋଭିଡ୍ ମୃତ୍ୟୁ ସଂଖ୍ୟା ନୁହେଁ। ମହାମାରୀ ସମୟରେ କୋଭିଡ୍ ଓ ଅନକୋଭିଡରେ ମୃତ୍ୟୁବରଣ କରିଥିବା ସଂଖ୍ୟା ବୋଲି ଜିଲାପାଳ କହିଛନ୍ତି। ବିଧବା ଭତ୍ତା କରିବାରେ ସୁବିଧା ହେବାକୁ ସବୁ ପ୍ରକାରର ମୃତ୍ୟୁକୁ ହିସାବକୁ ନିଆଯାଇଥିବା ଜିଲାପାଳ କହିଛନ୍ତି।

# ୨୦ ଅକ୍ସିଜେନ ସିଲିଣ୍ଡର ଡିଏଚ୍‌ଏଚ୍‌କୁ ପ୍ରଦାନ

ନୟାଗଡ଼ ଅଫିସ,୧୧।୬

କରୋନା ରୋଗୀଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ନୟାଗଡ଼ ବ୍ଲକ ଭାଟସାହି ସରପଞ୍ଚ କିଶୋର ଚନ୍ଦ୍ର ସାହୁ ୨୦ଟି ଅକ୍ସିଜେନ ସିଲିଣ୍ଡର ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଏ ନେଇ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଅକ୍ସିଜେନ ସିଲିଣ୍ଡରଗୁଡିକୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପୋମା ଟୁଡୁ, ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର, ନୟାଗଡ଼ ଡିଏଫ୍‌ଓ ଏଚଡି ଧନରାଜ, ପିଡି ଡିଆରଡିଏ ସୁବାଶ ଚନ୍ଦ୍ର ରାୟ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ଭାଟସାହି ସରପଞ୍ଚ ସାହୁ ଉପସ୍ଥିତ ଥିଲେ। ସାହୁଙ୍କର ଏହି ନିଆର ପ୍ରୟାସକୁ ଜିଲାରେ ସବୁ ମହଲରେ ପ୍ରଶଂଶା କରାଯାଇଛି। ସେ କରୋନାର ପ୍ରଥମ ଲହର ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେହିପରି ରୋଗୀମାନେ ଉପକୃତ ହେବା ପାଇ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଯାହା ଏବେ ରୋଗୀ ସେବାରେ ନିୟୋଜିତ ଅଛି। ପୁଣି କରୋନା ସମୟରେ ଭାଟସାହିର ୮୦ ଜଣ ପ୍ରବାସୀ ଶ୍ରମିକଙ୍କୁ ୮୦ ହଜାର ଟଙ୍କାର ସହାୟତା ଦେଇଥିଲେ। ଏବେ ୨ ଲକ୍ଷ ଟଙ୍କାର ଅକ୍ସିଜେନ ସିଲିଣ୍ଡର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରିଛନ୍ତି।



ମନ୍ତ୍ରୀଙ୍କ ଉପସ୍ଥିତିରେ ସରପଞ୍ଚ କିଶୋର ଚନ୍ଦ୍ର ସାହୁ ଅକ୍ସିଜେନ ସିଲିଣ୍ଡର ଦେଉଛନ୍ତି।

**ସରପଞ୍ଚଙ୍କ ନିଆରା ପ୍ରୟାସ**

## ଯାଞ୍ଚ ହେଲେ ବି ଧରା ପଡୁନାହାନ୍ତି ଶିକ୍ଷକ

ଚଞ୍ଚକତା କରି ଡିଗ୍ରୀ ହାସଲ

ନୟାଗଡ ଅଫିସ,୧୧।୬

ନୟାଗଡ ଜିଲାର ଓଡ଼ଗାଁ, ନୟାଗଡ଼, ରଣପୁର ବ୍ଲକ ସମେତ ୮ଟି ବ୍ଲକ ଓ ୫ଟି ସହରାଞ୍ଚଳରେ ଏକାଧିକ ଶିକ୍ଷକ ଚଞ୍ଚକତା କରି ଏକକାଳୀନ ଦୁଇଟି ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି। ସ୍ୱେଚ୍ଛାକୃତ ଅବସର ଯୋଜନାରେ ବାପାଙ୍କ ଚାକିରି ପାଇ ଶିକ୍ଷକତା କରୁଥିବା କେତେଜଣ ବ୍ୟକ୍ତି ସିଟି କରୁଥିବାବେଳେ ଯୁକ୍ତ ୩ ପଢ଼ି ସାର୍ଟିଫିକେଟ ହାସଲ କରିଛନ୍ତି। ଏକା ସମୟରେ ଦୁଇଟା ପାଠ ପଢ଼ିବା ସମ୍ଭବ ନ ଥିଲାବେଳେ ଜାଲ ସାର୍ଟିଫିକେଟ ଦେଇ ଏପରି କରିଥିବା ଅଭିଯୋଗ ହେଉଛି। ଆଉ କେତେଜଣ ଶିକ୍ଷକ ସିଟି କରୁଥିବାବେଳେ ଯୁକ୍ତ ୨ରେ ମଧ ପାସ କରିଛନ୍ତି। ପୁଣି କେତେଜଣ ଯୁବକ ଫାଷ୍ଟକ୍ଲାସର ଜାଲ ସାର୍ଟିଫିକେଟ ଦେଇ ସିଟି ଓ ବିଇଡି କରିଛନ୍ତି। ପରେ ଜାଲ ସାର୍ଟିଫିକେଟ ହଟାଇ ନିଜର ପ୍ରକୃତ ସାର୍ଟିଫିକେଟ ଦେଇ ଚାକିରି କରିଛନ୍ତି। ନୟାଗଡ଼ ଶିକ୍ଷା ଜିଲାରେ ବହୁ ଶିକ୍ଷକ ନିଜର ପାଠ ପଢ଼ାରେ ଜାଲିଆତି କରି ସରକାରୀ ଚାକିରି କରିଛନ୍ତି। ଆଉ କେତେଜଣ ପଦୋନ୍ନତି ପାଇ ସାରିଲେଣି। ତେବେ ବିଭିନ୍ନ ସମୟରେ ଏମାନଙ୍କର ଶିକ୍ଷାଗତ ପ୍ରମାଣ ପତ୍ର ଶିକ୍ଷା ବିଭାଗ ଦ୍ୱାରା ଯାଞ୍ଚ ହେଉଥିଲେ ମଧ ଏମାନେ ଫନ୍ଦି ଫିକର କରି ଖସି ଯାଉଥିବା ଅଭିଯୋଗ ହେଉଛି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ ସୁଫଳ ମିଳୁନି। କେତେଜଣ ଯୁବକ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାରକପତ୍ର ଦେଇ ନୟାଗଡ଼ ଜିଲାରେ ଚାକିରି କରିଥିବା ଜାଲ୍ ଶିକ୍ଷକଙ୍କୁ ବହିଷ୍କାର କରିବାକୁ ଅନୁରୋଧ କରିଛନ୍ତି।

## ଓଡ଼ଗାଁ ତହସିଲରେ ଗଡ଼ିଲା ରାଜସ୍ୱ ରଥ

ଓଡ଼ଗାଁ, ୧୧।୬(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ପକ୍ଷରୁ ରାଜସ୍ୱ ରଥର ଶୁଭ ଉଦ୍‌ଘାଟନ କୋଭିଡ୍ କଟକଣାରେ ଶୁକ୍ରବାର ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। କରୋନା ସମୟରେ ଦୂରାଦୂରାନ୍ତରୁ ତହସିଲ ଅଫିସକୁ ଆସିବା ବଦଳରେ ଲୋକଙ୍କୁ ସେମାନଙ୍କ ଦ୍ୱାରଦେଶରେ ରାଜସ୍ୱ ବିଭାଗ କେତେକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ରଥ କାର୍ଯ୍ୟ କରିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏପରି ସ୍ଥଳେ ଉଦ୍‌ଘାଟନୀ ଦିବସରେ ରଙ୍ଗଣୀପାଟଣାରେ ୩ ଓ ଗୌଡପୁଟ ଗାଁରେ ୫ଟି ରାଜସ୍ୱ ପ୍ରମାଣପତ୍ର , ପଟା ପ୍ରଦାନ କରାଯାଇଛି। ଏହି ସମୟରେ ତହସିଲଦାର ବିଜୟିତା ସାମନ୍ତସିଂହାର, ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ବିଡିଓ ସ୍ୱାତିଲେଖା ଦାସ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମନ୍ତ୍ରୀଙ୍କ ଅନୁରୋଧକ୍ରମେ ଦିବଂଗତ ପଦ୍ମଶ୍ରୀ ରାଧାମୋହନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ପଦ୍ମଶ୍ରୀ ରାଧାମୋହନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା





ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼ ଅଫିସ,୧୧।୬

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ପକ୍ଷରୁ ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ନୟାଗଡ଼ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶାଖା ଅଧ୍ୟକ୍ଷ ହରେକୃଷ୍ଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ରାଧାମୋହନଙ୍କ ସହପାଠୀ ହରିହର ପାତ୍ର ଓ ପ୍ରାଧ୍ୟାପକ ହରପ୍ରସାଦ ମହାପାତ୍ର ସ୍ମୃତିଚାରଣ କରି ତାଙ୍କର ପାଣ୍ଡିତ୍ୟ, କର୍ମନିଷ୍ଠା ଓ ପରିବେଶ ପ୍ରୀତି ବିଷୟରେ ବକ୍ତବ୍ୟ ରଖିଥିଲେ। ଏମାନଙ୍କ ସହ ପରିଷଦର କ୍ଷେତ୍ରୀୟ ସଚିବ ଶ୍ରୀଧର ସାହୁ, ଶାଖା ସଚିବ ଅନାଦି ଚରଣ ମହାନ୍ତି, ସଙ୍ଗଠନ ସଚିବ କାମାକ୍ଷା ପ୍ରସାଦ ଦାସ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ଶୂରଦେଓ, ଅରୁଣ କୁମାର ମହାନ୍ତ ଆଦି ସଦସ୍ୟମାନେ ଯୋଗଦେଇଥିଲେ। ସେମାନେ କହିଥିଲେ, ରାଧାମୋହନ ଅସମ୍ଭବକୁ ସମ୍ଭବ କରିବାରେ ଜଣେ ବିଦ୍ଧାଣୀ ଥିଲେ। ସେହି ମହାନ୍ ବ୍ୟକ୍ତିଙ୍କୁ ହରାଇ ଭାରତ ବିକାଶ ପରିଷଦ, ନୟାଗଡ଼ ଶାଖା ସହ ସମଗ୍ର ନୟାଗଡ ଜିଲା ତଥା ରାଜ୍ୟବାସୀ ଗଭୀର ମର୍ମାହତ।

# ନଦୀ ପଠାରୁ ବାଲିମାଟି ଚାଲାଣ, ଟ୍ରାକ୍ଟର ଜବତ

ଓଡ଼ଗାଁ, ୧୧।୬(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ତହସିଲ ଗୌଡପୁଟ ରାଜସ୍ୱ ନିରୀକ୍ଷକଙ୍କ ଅଧିନ ଚମ୍ପାପାଣ୍ଡେରୀ-ବନ୍ଧସାହି ତଳଭାଗରେ ଥିବା ପ୍ରହରାଜ ତୋଟା ସନ୍ନିକଟ ନଦୀପଠାରୁ ବାଲିମାଟି ଚୋରାଚାଲାଣ ହେଉଥିଲା। ଏ ନେଇ ଅଭିଯୋଗ ହେବା ପରେ ତହସିଲଦାର ଗୋଟିଏ ଟ୍ରାକ୍ଟର (ଓଡି ୨୫ ବି ୨୬୦୦) ଜବତ କରି ସ୍ଥାନୀୟ ଥାନାକୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଏହି ଟ୍ରାକ୍ଟରଟି ନନ୍ଦିଘୋର ଗ୍ରାମର ଚରଣ ପ୍ରଧାନଙ୍କ ବୋଲି ସୂଚନା ମିଳିଛି। ସ୍ଥାନୀୟ କେତେଜଣ ଜଣାଶୁଣା ଟ୍ରାକ୍ଟର ମାଲିକ ଜୋର ଜବରଦସ୍ତ ନିଜର ପତିଆରାକୁ ବିସ୍ତାର କରି ସ୍ଥାନୀୟ ଲୋକଙ୍କୁ ଧମକ ଚମକ ଦେଇ କଡା ସୁରକ୍ଷା ମଧ୍ୟରେ ଦିନରାତି ବାଲି ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମବାସୀ ଅତିଷ୍ଠ ହୋଇ ସ୍ଥାନୀୟ ତହସିଲଦାରଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ଗ୍ରୀନ ଟ୍ରିବ୍ୟୁନାଲକୁ ଜଣାଇଥିବା ନେଇ 'ଧରିତ୍ରୀ' ସମେତ ଅନ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଫଳରେ ତହସିଲଦାର ଏ ନେଇ ତତ୍ପରତା ପ୍ରକାଶ କରି ସମ୍ପୃକ୍ତ ମାଫିଆଙ୍କୁ କାବୁ କରିବାକୁ ଯୋଜନା କରିଥିଲେ। ଶୁକ୍ରବାର ସେ ନିଜେ ଅଭିଯୋଗ ହୋଇଥିବା ୩ ଟ୍ରାକ୍ଟର ମଧ୍ୟରୁ ଗୋଟିଏ ଜବତ କରିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ରାଜସ୍ୱ କର୍ମଚାରୀମାନେ ପୋତାବାଲି ନେଉଥିବା ନଂ. ଓଡି୨୫ଏଲ୧୮୧୩ବିଶିଷ୍ଟ ଟ୍ରାକ୍ଟର ଜବତ କରିଥିବା ଜଣାଯାଇଛି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ବଳରାମ ପ୍ରଧାନଙ୍କ ୧୨ ହଜାର ଟଙ୍କା ଜରିମାନା ଦେଇ ଗାଡି ମୁକାଳି ନେଇଥିବା ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପରିଡା ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଟ୍ରାକ୍ଟର।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଓକିଲ ସଂଘର ଧାରଣା

ଖଣ୍ଡପଡା,୧୧।୬(ସ୍ୱ.ପ୍ର.)

ଖଣ୍ଡପଡା ବିଦ୍ୟୁତ୍ ସବ୍‌ଡିଭିଜନ ଅନ୍ତର୍ଗତ ଖଣ୍ଡପଡା, କଣ୍ଟିଲୋ ଓ ଭାପୁର ସେକ୍ସନରେ ନିୟମିତ ଭାବେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ଏହା ଲୋକଙ୍କୁ ଅତିଷ୍ଠ କରୁଛି। ବାରମ୍ବାର ଅଭିଯୋଗ କଲେ ମଧ ସୁଫଳ ମିଳୁନି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଖଣ୍ଡପଡା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବିଦ୍ୟୁତ୍ ବିଭାଗ (ଟିପିସିଓଡିଏଲ) ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଓକିଲ ସଂଘର ସଭାପତି ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ନେତୃତ୍ୱରେ ଆଇନଜୀବୀମାନେ ପୂର୍ବାହ୍ନ ୧୦ ଟାରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ଝୁଲାଇ ଧାରଣାରେ ବସିଥିଲେ। ଧାରଣାରେ ଖଣ୍ଡପଡାର ପୂର୍ବତନ ବିଧାୟକ ତଥା ଭାଜପା ନେତା ସିଦ୍ଧାର୍ଥ ଶେଖର ସିଂ ଓ ସମର୍ଥକ, ଆଇନଜୀବୀ ବାସୁଦେବ ରଥ, ରଣଜିତ ଦାଶ ପ୍ରମୁଖ ସାମିଲ ହୋଇଥିଲେ। ତେବେ କାର୍ଯ୍ୟାଳୟକୁ କୌଣସି ଅଧିକାରୀ ବିଭିନ୍ନ ଆଳ ଦେଖାଇ ଆସି ନ ଥିଲେ। ନୟାଗଡ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ୨ ଘଣ୍ଟା ପରେ ଜଣେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଆଇନଜୀବୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଆଇନଜୀବୀଙ୍କଠାରୁ ଏ ସମ୍ପର୍କିତ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ କରିବା, ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା, ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରାଯାଇଛି। ତେବେ ବିଦ୍ୟୁତ ବିତରଣ କମ୍ପାନୀ ଉଚ୍ଚକର୍ତ୍ତୃପକ୍ଷ ଉପରୋକ୍ତ ସମସ୍ୟା ପ୍ରତି ଧ୍ୟାନ ନ ଦେଲେ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଓକିଲ ସଂଘର ସମ୍ପାଦକ ଦେଓ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଜପାଟଣାଠାରେ ଥିବା ଏକମାତ୍ର ବିଦ୍ୟୁତ୍ ଗ୍ରୀଡ ସମଗ୍ର ଜିଲାକୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବାରେ ସାମର୍ଥ ହେଉ ନ ଥିବା ବେଳେ ଖଣ୍ଡପଡା ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ସେବା ଯୋଗଇବା ଲକ୍ଷ୍ୟରେ ଦୀର୍ଘବର୍ଷରୁ ଖଣ୍ଡପଡାଠାରେ ଏକ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ରାଜନୈତିକ ଓ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକାରୀ ହେବାରେ ବାଧକ ସାଜିଛି। ଏହି ଗ୍ରୀଡ ସ୍ଥାପନ ହେଲେ ସମଗ୍ର ଅଞ୍ଚଳବାସୀ ଉତ୍ତମ ବିଦ୍ୟୁତ୍ ସେବା ପାଇବା ସହ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି।

**ଅଘୋଷିତ ବିଦ୍ୟୁତ୍‌କାଟରେ ଲୋକେ ଅତିଷ୍ଠ**



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଆଇନଜୀବୀଙ୍କ ଧାରଣା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSe OTEIBRTG-DNM17, ତା.08.06.2021ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ବଇରୀ (BYY)-ହରିଦାସପୁର(HDS) ସେକ୍ସନରେ ଉପଯୋଗିତା ସ୍ଥାନାନ୍ତରଣ ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା (infringing) (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେଶନ ବାକ୍ସ, ଅନ୍ୟ ସିଗ୍ନାଲିଙ୍ଗ୍ ଗିଅର) ଏବଂ ବରିଠେଙ୍ଗଡ଼ (BRTG) ଏବଂ ଧାନମଣ୍ଡଳ(DNM) ଷ୍ଟେସନଗୁଡ଼ିକ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :**
12,94,22,244/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.08.07.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରେ ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଦ୍ଧର୍ତ୍ତ ଆକାଉଣ୍ଟାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ନିର୍ମାଣ/ଭୁବନେଶ୍ୱର
PR-20/CE/21-22

## ସମ୍ପତ୍ତି ଲାଗି ଛୁରାମାଡ଼, ବାପା ପୁଅ ଗୁରୁତର

**ପୁରୁଷୋତ୍ତମପୁର,(ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ଶୁକ୍ରବାର ପୈତୃକ ସମ୍ପତ୍ତିକୁ ନେଇ ୨ ଭାଇଙ୍କ ମଧ୍ୟରେ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବଡ଼ ଭାଇ ବିପ୍ରଚରଣ ପ୍ରଧାନ ଓ ତାଙ୍କ ପୁଅ ଅରୁଣ ଗୁରୁତର ହୋଇଛନ୍ତି। ଏ ନେଇ ପୁରୁଷୋତ୍ତମପୁର ପୋଲିସ ନଂ. ୨୫୨/୨୧ରେ ମାମଲା ରୁଜୁ କରି ନାବାଳକଙ୍କ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ପୈତୃକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ବିପ୍ରଚରଣ ପ୍ରଧାନ ଓ ତାଙ୍କ ଭାଇ ବିଜୟଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ ନେଇ ବିଜୟ ପରିବାର ବିପ୍ରଙ୍କ ଘରେ ପଶି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ବିଜୟଙ୍କ ନାବାଳକ ପୁଅ ପୂର୍ବ ଯୋଜନା ମୁତାବକ ହାତରେ ଧରିଥିବା ଛୁରି ବଡ ବାପା ବିପ୍ରଚରଣ ଓ ଭାଇ ଅରୁଣଙ୍କୁ ଭୁସି ଦେଇଥିଲେ। ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ସଂକ୍ଷେପରେ

## ୧୩୨ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ ଅଫିସ,୧୧।୬:** ନୟାଗଡ଼ ଜିଲାରେ ଶୁକ୍ରବାର ୧୩୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୧୯୬ରେ ପହଞ୍ଚିଛି। ଶୁକ୍ରବାର ରିପୋର୍ଟରେ ଭାପୁର ବ୍ଲକରେ ୭, ଦଶପଲ୍ଲାରେ ୨୦, ଗଣିଆରେ ଜଣେ, ଖଣ୍ଡପଡାରେ ୨୨, ନୟାଗଡରେ ୧୮, ନୂଆଗାଁରେ ୧୬, ଓଡଗାଁରେ ୧୬, ରଣପୁର ବ୍ଲକରେ ୧୯, ନୟାଗଡ ମ୍ୟୁନିସିପାଲିଟିରେ ୧୩ଜଣ ଅଛନ୍ତି। ପ୍ରକାଶଥାଉକି କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରୁ ୫୪ ଜଣଙ୍କ ଜୀବନ ନେଇ ସାରିଲାଣି।

## ଭୋଜି ବନ୍ଦ, ଜରିମାନା ଆଦାୟ

ଆସିକା,୧୧।୬(ଡି.ଏନ.ଏ.): ଆସିକା ତହସିଲର ଫୁଲସରପଲ୍ଲୀ ଗ୍ରାମରେ ଶୁକ୍ରବାର କୋଭିଡ୍ ନିୟମ ଉଲ୍ଲଂଘନ କରି ଚାଲିଥିବା ଏକ ଶୁଦ୍ଧିକ୍ରିୟା ଭୋଜି ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୭ ହଜାର ଜରିମାନ ଆଦାୟ କରାଯାଇଛି। ଉକ୍ତ ଭୋଜିରେ ୮ଶହରୁ ଉର୍ଦ୍ଧ୍ୱଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ସଂଖ୍ୟାଧିକ ଲୋକ ଖାଇ ସାରିଥିଲେ ବୋଲି ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି। ସେହିଭଳି ମଙ୍ଗଳପୁର ଗ୍ରାମରେ ଚାଲିଥିବା ଏକ ବାହାଘର ଭୋଜିରେ ଚଢ଼ାଉ କରାଯାଇଥିଲା। ତେବେ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚିଲା ବେଳକୁ ଭୋଜି ଖିଆ ସରିଥିବାରୁ ସେଠାରେ ଲାଗିଥିବା ଟେଣ୍ଟକୁ ହଟାଇ ଦିଆଯାଇଥିଲା।

## ବିପୁଳ ପରିମାଣର ପୋଚ, ମଦ ଜବତ

ଗୋପାଳପୁର,୧୧।୬:ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଇନ୍ଦ୍ରାଖୀ ଗ୍ରାମରୁ ଶୁକ୍ରବାର ବ୍ରହ୍ମପୁର ଜିଲା ଅବକାରୀ ଅଧିକାରୀମାନେ ବିପୁଳ ପରିମାଣର ପୋଚ ଓ ମଦ ଜବତ କରିଛନ୍ତି। ଇନ୍ଦ୍ରାଖୀ ଗ୍ରାମ ନିକଟସ୍ଥ କିଆବାଡ଼ରେ ଦୀର୍ଘ ବର୍ଷ ହେଲା ଚୋରା ଦେଶୀ ମଦ ପ୍ରସ୍ତୁତ କରି ଆଖପାଖ ଗ୍ରାମଗୁଡ଼ିକରେ ବିକ୍ରି କରିଥାନ୍ତି। ଖବର ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କନିଷ୍ଠ ତହସିଲଦାର ତାପସ ରାଉତ ଓ ଅବକାରୀ ଅଧିକାରୀଙ୍କ ନେତୃତ୍ୱରେ କିଆବାଡରେ ଚଢ଼ାଉ କରାଯାଇଥିବା ବେଳେ ପ୍ରସ୍ତୁତକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେଠାରୁ ୨୪୦୦ ଲିଟର ଗୁଡ଼ ଓ ପିଡ଼ିଆ ମିଶ୍ରିତ ପୋଚ, ୮୦ ଲିଟର ଦେଶୀ ମଦ, ହାଣ୍ଡି କୁଣ୍ଡି ଓ ଡ୍ରମ ଜବତ ହୋଇଛି। ପରିବହନ ବ୍ୟବସ୍ଥା ନ ହେବା ଫଳରେ ୨୪୦୦ ପୋଚ ଅବକାରୀ ଅଧିକାରୀମାନେ ସେଠାରେ ନଷ୍ଟ କରିଥିଲେ। ଏ ନେଇ ଜିଲା ଷ୍ଟ୍ରାଇକିଙ୍ଗ ଫୋର୍ସ କେସ୍ ନଂ. ୨୭ /୨୧-୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ଜବତ

ଆର.ଉଦୟଗିରି,୧୧।୬(ଡି.ଏନ.ଏ.): ଗଜପତି ଜିଲା ମୋହନା, ନୂଆଗଡ ଓ ଆର.ଉଦୟଗିରି ଅଞ୍ଚଳରୁ ଗୋରୁ ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଚୁପ୍ ରହୁଥିବାରୁ ସାଧାରଣରେ କ୍ଷୋଭ ସୃଷ୍ଟି ହୋଇଛି। ଜୁନ ୪ ତାରିଖ ରାତ୍ରି ମୋହନାରୁ ୧୮ ଗୋରୁକୁ ଟ୍ରକ ଯୋଗେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦକୁ ଚାଲାଣ କରାଯାଉଥିବା ବେଳେ ସ୍ଥାନୀୟ ଯୁବକ ସଂଘର କର୍ମକର୍ତ୍ତାମାନେ ଏହାକୁ ଜବତ କରି ପୋଲିସକୁ ଜିମା ଦେଇଥିଲେ। ସେହିପରି ଗୁରୁବାର ଆର.ଉଦୟଗିରି ସହରର କିଛି ବ୍ୟକ୍ତି ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ଚାନ୍ଦିପୁଟ ଅଞ୍ଚଳରୁ ଏକ ବୋଲେରୋ (ନଂ ଓଡି୦୨ - ବିଏନ ୯୭୫୯) ୬ଟି ଗୋରୁ ନେଇ ପାରଳାଖେମଣ୍ଡି ଆଡକୁ ଯାଉଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଗୋରୁ ଚାଲାଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ୬ଟି ଗୋରୁ ଓ ଗାଡ଼ିକୁ ଜବତ କରି ଆର.ଉଦୟଗିରି ଥାନାରେ ନଂ ୬୩/୨୧ରେ ମାମଲା ରୁଜୁ କରିଛି।

## ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା କିଟ୍ ବଣ୍ଟନ

କ.ନୂଆଗାଁ,୧୧।୬(ଡି.ଏନ୍.ଏ.): କନ୍ଧମାଳ ଜିଲା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାରା ପକ୍ଷରୁ ଶୁକ୍ରବାର କ.ନୂଆଗାଁ ବ୍ଲକ ସଭାଗୃହରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କରୋନା କିଟ୍ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାହାରା ସମ୍ପାଦକ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବିଡିଓ ଶରତ କୁମାର ପାତ୍ର ଓ ସମ୍ମାନୀତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ କନ୍ଧମାଳ ଜିଲା ଶାଖାର ସଭାପତି ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୁରକ୍ଷା କୀଟ ଓ ମାକ୍ସ ବଣ୍ଟନ କରିଥିଲେ।

# ମାଛଚାଷ ପ୍ରତି ଯୁବଗୋଷ୍ଠୀଙ୍କ ଆଗ୍ରହ ବଢ଼ୁଛି

### ମତ୍ସ୍ୟ ପୋଖରୀ ଯୋଜନା

**ଭଞ୍ଜନଗର,୧୧।୬(ଡି.ଏନ୍.ଏ.)**

ମତ୍ସ୍ୟଚାଷ ପ୍ରତି ଯୁବଗୋଷ୍ଠୀଙ୍କର ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୨୦୧୭ ମସିହାରେ ଆରମ୍ଭ ହୋଇଥିବା ମତ୍ସ୍ୟ ପୋଖରୀ ଯୋଜନା ବର୍ତ୍ତମାନ ଗଞ୍ଜାମ ଜିଲାରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ମାଛଚାଷ ପ୍ରତି ଯୁବଗୋଷ୍ଠୀଙ୍କ ଆଗ୍ରହ ବଢ଼ିବା ପରେ ଜିଲାରେ ମତ୍ସ୍ୟ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି ।

ମତ୍ସ୍ୟ ପୋଖରୀ ଯୋଜନା (ଏମ୍‌ପିୱାଇ)ରେ ହେକ୍ଟର ପିଛାପୋଖରୀ ଖୋଳିବାକୁ ୮ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ସେଥିମଧ୍ୟରୁ ମହିଳା, ଏସ୍‌ସି, ଏସ୍‌ଟି ଚାଷୀଙ୍କୁ ହେକ୍ଟର ପିଛା ୫୦ ପ୍ରତିଶତ ବା ୪ଲକ୍ଷ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦିଆଯାଉଛି। ସେହିପରି ସାଧାରଣବର୍ଗ ଚାଷୀଙ୍କୁ ୪୦ ପ୍ରତିଶତ ସବ୍‌ସିଡି ଦିଆଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା(ପିଏମ୍‌ଏମ୍‌ଏସ୍‌ୱାଇ)ରେ ଏହି ସୁବିଧା ମିଳୁଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମଧ୍ୟ କ୍ଷୁଦ୍ର ମତ୍ସ୍ୟ ଚାଷୀ ପୋଖରୀ ଖୋଳୁଛନ୍ତି। ଜିଲାରେ ପୋଖରୀ ସଂଖ୍ୟା ବଢ଼ିବା ପରେ ସରକାରୀ ଓ ବେସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଯାଆଁଳ ଉତ୍ପାଦନ ବଢ଼ିଛି


ସଫଳ ଯୁବ ମତ୍ସ୍ୟ ଚାଷୀ ସୁଶାନ୍ତ ପ୍ରଧାନ।

। ଚଳିତବର୍ଷ ରାଜ୍ୟ ସରକାର ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ୨୦ କୋଟି ଗୁଣ୍ଡ ଯାଆଁଳ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି। ସେଥିମଧ୍ୟରୁ ୫ କୋଟି ଗୁଣ୍ଡ ଯାଆଁଳ ବର୍ତ୍ତମାନ ଚାଷୀ ସମେତ ବିଭିନ୍ନ ଜଳଭଣ୍ଡାର, ଘରୋଇ ଫାର୍ମକୁ ବିକ୍ରି କରାଗଲାଣି। ମୌସୁମୀ ବର୍ଷା ଆସିବା ପରେ ଲକ୍ଷ୍ୟ ପୂରଣ ହେବା ଆଶା କରାଯାଉଛି। ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ଦୁବରେ ଜଣାଶୁଣା ଯୁବ ମତ୍ସ୍ୟଚାଷୀ ସୁଶାନ୍ତ ପ୍ରଧାନ ମଧ୍ୟ ଚାଷୀଙ୍କୁ ଉନ୍ନତମାନର ଯାଆଁଳ ବିକ୍ରି କରୁଛନ୍ତି । ଏଠାରୁ ରାଜ୍ୟର ବିଭିନ୍ନ ଜିଲାକୁ ଯାଆଁଳ ଯୋଗାଣ ହେଉଛି । ୨୦୨୦-୨୧ ଆର୍ଥିକ ବର୍ଷରେ ପିଏମ୍‌ଏମ୍‌ଏସ୍‌ୱାଇରେ ଜିଲାରେ ୧୦ ହେକ୍ଟର ଜମିରେ ପୋଖରୀ ଖୋଳିବା ଲକ୍ଷ୍ୟ ରଖାଯାଇଥିଲା। ତାହା ସଫଳତାର ସହ କାର୍ଯ୍ୟକାରୀ ହୋଇଛି।

ସେହିପରି ରାଜ୍ୟ ସରକାରଙ୍କ ମତ୍ସ୍ୟ ସମ୍ପଦ ପୋଖରୀ ଯୋଜନାରେ ଜିଲାରେ ୧୪୫ ହେକ୍ଟର ଜମିରେ ପୋଖରୀ ଖୋଳିବା ଲକ୍ଷ୍ୟ ରଖାଯାଇଥିଲା । କେତେକ ବ୍ଲକ ଲକ୍ଷ୍ୟଠାରୁ ଅଧିକ ପୋଖରୀ ଖୋଳିଥିବା ଜଣାପଡ଼ିଛି । ଭଞ୍ଜନଗର ବ୍ଲକକୁ ଟାର୍ଗେଟ ୯ ହେକ୍ଟର ଦିଆଯାଇଥିବା ବେଳେ ୧୪ ହେକ୍ଟରରେ ପୋଖରୀ ଖୋଳାଯାଇଛି। ଏହା ପୂର୍ବରୁ ଗତ ୨ଟି ଆର୍ଥିକବର୍ଷରେ ଯେଉଁ ଲକ୍ଷ୍ୟ ଦିଆଯାଇଥିଲା ତାହା ଭଞ୍ଜନଗର ବ୍ଲକରେ ଶତ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ମତ୍ସ୍ୟ ପୋଖରୀ ଯୋଜନା ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ଜଗନ୍ନାଥପ୍ରସାଦ, ବୁଗୁଡ଼ା, ପୋଲସରା, ଆସିକା, ପୁରୁଷୋତ୍ତମପୁର, ବେଗୁନିଆପଡ଼ା ଆଦି ବ୍ଲକରେ କାର୍ଯ୍ୟକାରୀ ହେଉଛି।

ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରର ପରିଚାଳକ ସରିଫ୍ ଅହମ୍ମଦ କହିଛନ୍ତି, ମାଛଚାଷ ପ୍ରତି ଚାଷୀଙ୍କୁ ସରକାର ଅନେକ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ଯାଆଁଳ ଉତ୍ପାଦନ ବଢ଼ିବା ସହ ମାଛ ଉତ୍ପାଦନ ମଧ୍ୟ ବଢ଼ିଛି। ମାଛଚାଷ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଉଛଇ ବୋଲି ଭଞ୍ଜନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ସାହୁ କହିଛନ୍ତି।

# ମହିଳାଙ୍କୁ ଗଛରେ ବାନ୍ଧି ଆକ୍ରମଣ ଅଭିଯୋଗ

- ଗ୍ରୁପ ଲୋନ ଟଙ୍କା ଜମାକୁ ନେଇ ଗଣ୍ଡଗୋଳ
- ଆକ୍ରମଣକାରୀ ମହିଳା ଗିରଫ

**ପୋଲସରା,୧୧।୬(ଡି.ଏନ.ଏ.)**

ପୋଲସରା ଥାନା ଅନ୍ତର୍ଗତ ଢୁଙ୍କାପଡ଼ା ଗ୍ରାମରେ ବୁଧବାର ଗ୍ରୁପ ଲୋନ ଟଙ୍କାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଗଛରେ ବାନ୍ଧି ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ନଂ. ୧୮୯/୨୧ ଅନୁଯାୟୀ ଶୁକ୍ରବାର ଅଭିଯୁକ୍ତ ବୁଢ଼େଇଶୁଣୀ ଗ୍ରାମର ସିଲି ସାହୁଙ୍କୁ କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ଏତଲାନୁସାରେ, ଏକ ଗ୍ରୁପରେ ଟଙ୍କା ଜମା ରଖିବାକୁ ନେଇ ଶାଶୁଙ୍କ ସହ ତାଙ୍କର ପୂର୍ବରୁ ଝଗଡ଼ା ହେଉଥିଲା। ଆଉ ଗ୍ରୁପ ଟଙ୍କା ଜାମା କରିବି ନାହିଁ ବୋଲି ସମ୍ପୃକ୍ତ ମହିଳା କହିବାରୁ ତୋ ବାପା ଘରୁ ଆଣି ଟଙ୍କା ବାନ୍ଧିବୁ ବୋଲି ଶାଶୁ କହିଥିଲେ। ଉକ୍ତ ମହିଳା ମନା କରିବାରୁ ସିଲି ସାହୁ ଏବଂ ଭାଣିଜୀ ମିଶି ତାଙ୍କୁ ଗାଁ ଦାଣ୍ଡରେ ଥିବା ନଡ଼ିଆ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଏଥିସହ ଉକ୍ତ ମହିଳାଙ୍କ ବିବାହ ସମୟରେ ଆଣିଥିବା ଖଟ, ସୁନା ବିଭିନ୍ନ ସାମଗ୍ରୀ ବିକ୍ରି କରିଦିଆଯାଇଛି। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାର ଧମକ ଦିଆଯାଇଥିଲା ବୋଲି ଏତଲାରେ ଦର୍ଶାଯାଇଛି।

# ଚୋରି ଘଟଣା, ୪ ଅଭିଯୁକ୍ତ ଗିରଫ


ପୋଲିସ ପକ୍ଷରୁ ଚୋରି ଘଟଣାର ସୂଚନା ଦିଆଯାଉଛି।

**ହିଞ୍ଜିଳିକାଟୁ,୧୧।୬(ଡି.ଏନ୍.ଏ)**

ହିଞ୍ଜିଳି ଥାନା ଲେଙ୍କାଖାଲି ଗ୍ରାମରେ ଗତ ସୋମବାର ଓ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୁରୁବାର ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ କହିଛନ୍ତି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା ଡେଙ୍ଗାଡ଼ି ଗ୍ରାମ ରାଜିବ ନଗର ସାହି କୃଷ୍ଣ ଶିକାରୀ ଓ ତାଙ୍କ ଭାଇ ଜିତୁ ଶିକାରୀ, କବିସୂର୍ଯ୍ୟନଗର ଥାନା ଶାସନ ସାହିର ଜୁରିଆ ଦାସ, ଧରାକୋଟ ଥାନା ସୁନାମୁହିଁ ଗ୍ରାମର ଗୋପାଳ କୃଷ୍ଣ ଜେନା। ସେମାନଙ୍କଠାରୁ ୨୧ଭରି ସୁନା ଅଳଙ୍କାର ଜବତ କରାଯାଇଛି।

# କୋଭିଡ୍ ଟିକା ଭୟ ଦୂର ପାଇଁ ବୈଠକ

**ଦାରିଙ୍ଗବାଡ଼ି, ୧୧।୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ଅପହଞ୍ଚ ଇଲାକାରେ କୋଭିଡ୍ ଟିକା ଗ୍ରହଣ କରିବାକୁ ନେଇ ଲୋକଙ୍କ ମନରେ ଭୟର ବାତାବରଣ ଦେଖାଯାଇଛି। ଏହା ଦୂର କରିବା ପାଇଁ ଶୁକ୍ରବାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗାଁ ଗାଁରେ ଏବେ ଅଙ୍ଗନୱାଡ଼ି ଏବଂ ଆଶାକର୍ମୀମାନେ ଜନସଚେତନ କରିବା ସହ ଏହି ଟିକାକରଣ ପାଇଁ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କ ପରାମର୍ଶକୁ ଅନେକ ଗ୍ରାମବାସୀ ମାନୁ ନ ଥିବା ବେଳେ ସ୍ୱାସ୍ଥ୍ୟକର୍ମୀମାନେ ପିପିଇ କିଟ୍ ପିନ୍ଧି ଗାଁକୁ ଗଲେ ତାଙ୍କୁ ଦେଖି ଲୋକେ ଦୌଡ଼ି ପଳାଉଛନ୍ତି। ଏହା ଆଗାମୀ


ବୈଠକରେ ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀ।

ଦିନରେ କରୋନା ସଂକ୍ରମଣକୁ ପ୍ରତିହତ କରିବାରେ ଅସୁବିଧା ହୋଇପଡ଼ିବ ବୋଲି କୁହାଯାଇଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ, ଅବସରପ୍ରାପ୍ତ ସରକାରୀ ସଂଘର ସଭାପତି ପତିତପାବନ ରାଉତ, ଶିକ୍ଷକ ବିଦେଶୀ ନାୟକ ପ୍ରମୁଖ କହିଥିଲେ। ସେହିପରି ଆଶାକର୍ମୀମାନଙ୍କ ସୁରକ୍ଷା ପାଇଁ ବିଧାୟକ ସେମାନଙ୍କୁ ପିପିଇ କିଟ୍ ସମେତ ମାସ୍କ, ସାନିଟାଇଜର ଆଦି ପ୍ରଦାନ କରିଛନ୍ତି। ଅନ୍ୟପଟେ ଦାରିଙ୍ଗବାଡ଼ି ବ୍ଲକ କେରୁବାଡ଼ି ଅଞ୍ଚଳର ଇସପିରିଚ୍ଛା ନାୟକ(୯୬) କୋଭିଡ୍ ଟିକା ନେଇଛନ୍ତି। ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସଚେତନତାର ଅଭାବରୁ ବହୁ ଲୋକ ଟିକା ନେବାକୁ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ଉକ୍ତ ବୃଦ୍ଧା ଏହି ଟିକା ଗ୍ରହଣ କରି ଅନ୍ୟମାନଙ୍କ ମନରେ ସାହାସ ଯୋଗାଇଛନ୍ତି।

## କୋଭିଡ୍ ପରୀକ୍ଷା ନ କଲେ ଦୋକାନ ବନ୍ଦ

**ଜି.ଉଦୟଗିରି,୧୧।୬(ଡି.ଏନ.ଏ.)**

କରୋନା ସଂକ୍ରମଣ ରୋକିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତ ସପ୍ତାହରେ ବ୍ୟବସାୟୀମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ କୁହାଯାଇଥିଲା। କିନ୍ତୁ ଏବେ ବି ବହୁ ବ୍ୟବସାୟୀ ପରୀକ୍ଷା କରିନାହାନ୍ତି। ଫଳରେ ସହରରେ ଦିନକୁ ଦିନ ସଂକ୍ରମଣ ବଢ଼ିଚାଲିଛି। ତେଣୁ ଯେଉଁ ବ୍ୟବସାୟୀମାନେ କୋଭିଡ୍ ପରୀକ୍ଷା କରିନାହାନ୍ତି ଶୀଘ୍ର କରିବାକୁ କୁହାଯାଇଛି। ଏହା ନ କଲେ ଦୋକାନ ବନ୍ଦ କରାଯିବ ବୋଲି ଏନ୍‌ଏସି ତରଫରୁ ଶୁକ୍ରବାର ପୁଣି ଚେତାବନୀ ଦିଆଯାଇଛି। ଏଥି ସହିତ ଏକ ନିର୍ଦ୍ଦିଷ୍ଟ ବସ୍ତ୍ରାଳୟ କିମ୍ବା ତାଙ୍କ ଘରୁ ଶାଢ଼ି କିଣିଥିବା ଲୋକମାନେ ମଧ୍ୟ କୋଭିଡ୍ ପରୀକ୍ଷା କରାଇନେବା ଲାଗି ଅନୁରୋଧ କରାଯାଇଛି।

## କଳାବିକାଶ କେନ୍ଦ୍ରର ସହଭାଗିତା କାର୍ଯ୍ୟକ୍ରମ

**ବାଲିଗୁଡା,୧୧।୬(ଡି.ଏନ.ଏ.)**

ବାଲିଗୁଡ଼ାସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର କଳାବିକାଶ କେନ୍ଦ୍ରର ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ଦଣ୍ଡସେନା ଆୟୋଜିତ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ଭାବେ ତହସିଲଦାର ଶଶାଙ୍କ ଶେଖର ପାତ୍ର ଓ ବରିଷ୍ଠ ମଞ୍ଚ କଳାକାର ଡ. ବିଚିତ୍ରା ନନ୍ଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କରୋନା ସଚେତନତା କରିଥିଲେ। ମଞ୍ଚ କଳାକାରଙ୍କ ପରିବାରକୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ଫଟୋ ଉଠାକୁ ନେଇ ଗୋଷ୍ଠୀସଂଘର୍ଷ

### ୭ରୁ ଉର୍ଦ୍ଧ୍ୱ ଆହତ, ୩ ଗୁରୁତର

**ଖଣ୍ଡପଡା,୧୧।୬(ସ୍ୱ.ପ୍ର.)**

ମୋବାଇଲରେ ଫଟୋ ଉଠାଇବାକୁ କେନ୍ଦ୍ର କରି ଖଣ୍ଡପଡା ଥାନାର କୋସକା ପୋଲିସ ଫାଣ୍ଡି ଅଧୀନ ରୟତ ଢୋଲମରା ପଞ୍ଚାୟତର ବାଦଭୂଇଁ ଗାଁରେ ଗୁରୁବାର ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ଉଭୟପକ୍ଷରୁ ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡିଛି। ଆହାତମାନଙ୍କ ଚିକିତ୍ସା ନିମନ୍ତେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ବାଦଭୂଇଁର ଅଜିତ ବେହେରା ଗାଁ ଦାଣ୍ଡରେ ଏକ ମୋବାଇଲ ଦେଖୁଥିବା ବେଳେ ସେହିବାଟ ଦେଇ ଅପରଗୋଷ୍ଠୀର ନିରଞ୍ଜନ ସାହୁ ଓ ତାଙ୍କର ଜଣେ ସହଯୋଗୀ ବାଇକ୍ ଯୋଗେ ଯାଉଥିଲେ। ହଠାତ୍ ନିରଞ୍ଜନ ବାଇକ୍‌ରୁ ଓହ୍ଲାଇ ମୋବାଇଲରେ କାହିଁକି ଫଟୋ ଉଠାଇଲୁ ବୋଲି କହି ଅଜିତ୍‌କୁ ମାଡ ମାରିବା ସହ ମୋବାଇଲ ଛଡାଇ ନେଇ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଛି। ଅଜିତଙ୍କ ବାପା ସନାତନ ଓ ମା' ପ୍ରମିଳାଙ୍କୁ ନିରଞ୍ଜନଙ୍କ ଗୋଷ୍ଠୀର ଲୋକମାନେ ଗାଁ ଦାଣ୍ଡରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ ମାରିଥିବା ଅଭିଯୋଗ ହୋଇଛି। ସେହିପରି ଅଜିତ୍‌ଙ୍କ ସହଯୋଗୀମାନେ ମଧ୍ୟ ମିଳିତ ହୋଇ ନିରଞ୍ଜନଙ୍କ ଗୋଷ୍ଠୀକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମରଣାନ୍ତକ ଆକ୍ରମଣରେ ଅଜିତ୍ ଓ ତାଙ୍କ ବାପା ଓ ମା'ଙ୍କ ସମେତ ଅପରଗୋଷ୍ଠୀର ନିରଞ୍ଜନ ମଧ୍ୟ ଆହତ ହୋଇଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଉଭୟପକ୍ଷରୁ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଖଣ୍ଡପଡା ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଗୋଷ୍ଠୀ ସଂଘର୍ଷ ଘଟଣା ଯୋଗୁ ଗ୍ରାମର ଉତ୍ତେଜନା ଲାଗି ରହିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆ ବିଲ୍ଡିଂ ଡିଜାଇନ୍ ଚୂଡ଼ାନ୍ତ

**ଛତ୍ରପୁର,୧୧।୬(ଡି.ଏନ.ଏ.)**

ଛତ୍ରପୁର ଠାରେ ନିର୍ମାଣ ହେବାକୁ ଥିବା ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ (କଲେକ୍ଟୋରେଟ୍) ନୂଆ ବିଲଡିଂର ଡିଜାଇନ୍ ଚୂଡାନ୍ତ ହୋଇଥିବା ସୂଚନା ମିଳିଛି। ବହୁତଳ ବିଶିଷ୍ଟ ଏହି ବିଲଡିଂ ନିର୍ମାଣ ପାଇଁ ବହୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଏହାର ଡିଜାଇନିଂ ନେଇ ବାରମ୍ବାର ବୈଠକ ବସୁଥିଲେ ମଧ୍ୟ ଚୂଡାନ୍ତ ହୋଇପାରୁ ନ ଥିଲା । ଭୁବନେଶ୍ୱରର ଏକ ଘରୋଇ ଡିଜାଇନ୍ ପରାମର୍ଶଦାତା ସଂସ୍ଥା ଏହି ଡିଜାଇନ୍ ପ୍ରସ୍ତୁତ କରିଛି। ରାଜ୍ୟ ମୁଖ୍ୟଯନ୍ତ୍ରୀ( ବିଲଡିଂ)ଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ଡିଜାଇନ୍ ଚୂଡାନ୍ତ ହୋଇଛି । ବୈଠକରେ ରାସ୍ତା ଓ କୋଠାବାଡି ବିଭାଗ ଗଞ୍ଜାମ ଡିଭିଜନ-୨ର ନିର୍ବାହୀଯନ୍ତ୍ରୀ ଓ ଘରୋଇ ଡିଜାଇନ୍ ପରାମର୍ଶଦାତାର ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳଙ୍କ ପରାମର୍ଶ, ମତାମତ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବିଭିନ୍ନ ଆବଶ୍ୟକତାକୁ ଆଧାର କରି ପ୍ରସ୍ତାବିତ ବିଲଡିଂର ଡିଜାଇନ୍ ପ୍ରସ୍ତୁତ ହୋଇଛି। ଉକ୍ତ ଡିଜାଇନ୍ ଓ ଏଷ୍ଟିମେଟର ପ୍ରଶାସନିକ ମଞ୍ଜୁରି ପାଇଁ ରାଜ୍ୟ ସରକାରଙ୍କୁ ପଠାଯିବ। ବିଲ୍ଡିଂ ପାଇଁ ଜାଗା ଚିହ୍ନଟ ହୋଇସାରିଛି।

# ନୟାଗଡ଼ରେ ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଧାରଣା



ନୟାଗଡ଼ରେ ତେଲ ଗାଡି ରଖି କଂଗ୍ରେସ ପକ୍ଷରୁ ବିକ୍ଷୋଭ।



ଗଣିଆରେ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ଧାରଣା।

**ନୟାଗଡ଼ ଅଫିସ,୧୧।୬**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧିର ପ୍ରତ୍ୟାହାର ଦାବିରେ ଶୁକ୍ରବାର ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଧାରଣା ପୂର୍ବାହ୍ନ ୯ ଟାରୁ ୧୧ ଟା ପର୍ଯ୍ୟନ୍ତ ସ୍ଥାନୀୟ କଲେଜ ରୋଡ଼ ଇଣ୍ଡିଆନ ଆଏଲ ପେଟ୍ରୋଲ ପମ୍ପରେ ବିକ୍ଷୋଭ ହୋଇଥିଲା। ନୟାଗଡ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ବିକ୍ଷୋଭରେ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ, ବରିଷ୍ଠ ନେତା ସିନ୍ଦୁରିଆ ସମିତିସଭ୍ୟ ହୁସେନ ଖାଁ, ଜିଲା କଂଗ୍ରେସ ଉପସଭାପତି କମଳ ଚରଣ ସାହୁ, ଆରଜିପିଆରଏସ୍ ଜିଲା ସଂଯୋଜକ ସୁକାନ୍ତ ଶତପଥୀ, ଜିଲା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଅମଜାଦ ଖାଁ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ଛାତ୍ର କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ଅବଦୁଲ ନିଜାମ ଖାଁ, ଯୁବ ସଙ୍ଗଠକ ଲକ୍ଷ୍ମଣ ଜେନା, ପ୍ରହ୍ଲାଦ ପାତ୍ରଙ୍କ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥଲେ। କେନ୍ଦ୍ର ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କରିଥିଲେ।

**ଓଡ଼ଗାଁ,(ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଲେଜ ରୋଡରେ ଥିବା ପେଟ୍ରୋଲ ପମ୍ପ ପରିସରରେ ୨ ଘଣ୍ଟିଆ ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସହ ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବସନ୍ତ କର, ଆଇନଜୀବୀ ବିଭୂତି କୁମାର ରାଉତ, ରାଧାକାନ୍ତ ମହାପାତ୍ର, ଦେବରାଜ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ସତ୍ୟଜିତ ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ ।

**ଗଣିଆ,(ଡି.ଏନ.ଏ.)**
ଗଣିଆ ବ୍ଲକ କଂଗ୍ରେସ ସଭାପତି କାଶୀନାଥ ନାୟକଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ କର୍ମୀ ଗଣିଆ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଫଳତା ଓ ଦିନକୁଦିନ ବିଭିନ୍ନ ନିତ୍ୟ ବ୍ୟବହୃତ ସାମଗ୍ରୀର ଦର ବୃଦ୍ଧିକୁ ନେଇ ପ୍ରତିବାଦ କରିଥିଲେ। ଲକ୍‌ଡାଉନ ସମୟରେ ଲୋକମାନେ ଜୀବନଜୀବିକା ହରାଇ ବସିଥିବା ବେଳେ ତୈଳଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ମୂଲ୍ୟ ବଢି ଚାଲିଛି। ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖୁବ୍‌ଶୀଘ୍ର ତୈଳଦର ହ୍ରାସ ନ କଲେ ଆଗାମୀ ଦିନରେ କଂଗ୍ରେସ ରଜରାସ୍ତାକୁ ଓହ୍ଲାଇବ ବୋଲି ଦଶପଲ୍ଲା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଚିତ୍ତ ରଞ୍ଜନ ମହାଳିକ କହିଛନ୍ତି।